

ଅପରିଣାମଦର୍ଶିତାର ଫଳ
ସର୍ବଦା ବିଷମୟ ହୋଇଥାଏ।
- ସେନେକା



**ସଂକ୍ଷେପରେ**

## କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବାଲିଅନ୍ତା,୯।୮ (ଡି.ଏନ୍.ଏ.): ବାଲିଅନ୍ତା ଥାନା ପୋଲିସ ଶୁକ୍ରବାର ଗୋପ ଶାଖା କେନାଲରେ ବେଣ୍ଣୁପୁର ଗଡ଼ସାହି ନିକଟରୁ ପାଣିରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି। ତେବେ ମୃତ ମହିଳାଙ୍କ ପରିଚୟ ଜଣାପଡି ନ ଥିବାବେଳେ ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବାର ଅନୁମାନ କରାଯାଉଛି। ସେ ଏକ ହଳଦିଆ ରଙ୍ଗର ସାୟା ଓ କଳା ରଙ୍ଗର ବ୍ଲାଉଜ ପିନ୍ଧିଥିବା ଜଣାପଡିଛି। ମୃତଦେହଟି ପୁରୀ ମୁଖ୍ୟ କେନାଲ ପାଣିରେ ଭାସି ଭାସି ବାଲିଅନ୍ତା ସାଇଫନ ଛକରୁ ବାହାରି ଥିବା ଗୋପ ଶାଖା କେନାଲ ଦେଇ ତଳକୁ ଯାଉଥିଲା। ପୋଲିସ ମୃତଦେହଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କିସ୍‌ରେ ବିଶ୍ୱ ଆଦିବାସୀ ଦିବସ

ଭୁବନେଶ୍ୱର, ୯।୮ (ବ୍ୟୁରୋ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ରେ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ କିଟ୍ ଓ କିସ୍‌ର ସମ୍ପାଦକ ଆର.ଏନ୍. ଦାଶ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କିସ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ନିହାର ରଞ୍ଜନ ପଟ୍ଟନାୟକ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି. କେ. ରାଉତରାୟ, ସିଓଓ ସୂର୍ଯ୍ୟକାନ୍ତ ମହାନ୍ତି, ନିର୍ଦ୍ଦେଶକ ପି.କେ. ଦାସ ସହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ଜନଜାତି କଳା, ସଂସ୍କୃତି, ପରମ୍ପରାରେ ଧୀରେ ଧୀରେ ଲୋପ ପାଇ ଯାଉଥିବା ବେଳେ ଏସବୁକୁ ବଞ୍ଚାଇ ରଖିବାକୁ ଅତିଥିମାନେ ଛାତ୍ରୀଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କାରଣ ଜନଜାତି କଳା, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨୫.୫ ଗ୍ରାମ ବ୍ରାଉନସୁଗାର ଜବତ, ୪ ଗିରଫ

ଭୁବନେଶ୍ୱର, ୯।୮ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ର‌୍ୟାକେଟରେ ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ କ୍ୟୁଏଟି ଏବଂ ମଞ୍ଚେଶ୍ୱର ପୋଲିସ ଗିରଫ କରିଛି। ଗୁରୁବାର ପଳାଶୁଣୀ ମୁଣ୍ଡାବସ୍ତି ଅଞ୍ଚଳରେ ବେପାର କରୁଥିବା ଜଗନ୍ନାଥ ମହାପାତ୍ରଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର କେନାଲ ରୋଡ ପାଟଦେଇ ବସ୍ତି ଅଞ୍ଚଳରେ ବେପାର ଚଳାଇଥିବା ଭଗବତୀ ବସ୍ତିର ଗୁଣନିଧି ବାରିକ, ତଇବୁର ଖାନ ଏବଂ ପରେଶ କୁମାର ସେଠୀଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ମଞ୍ଚେଶ୍ୱର ମୁଣ୍ଡା ବସ୍ତି ଅଞ୍ଚଳରେ ପୋଲିସ ଚଢଉ କରି ଜଗନ୍ନାଥଙ୍କ ନିକଟରୁ ୭.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ୩୨୨/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ମଞ୍ଚେଶ୍ୱର ଥାନା ଅଧୀନ ପାଟଦେଇ ବସ୍ତି କେନାଲ ରୋଡ ଅଞ୍ଚଳରେ କ୍ୟୁଏଟି ଏବଂ ମଞ୍ଚେଶ୍ୱର ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୮ ଗ୍ରାମ ବ୍ରାଉନସୁଗାର ଏବଂ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ପୋଲିସ ୩୨୩/୧୯ରେ ଏକ ମାମଲା ରୁଜୁ କରିବା ସହ ର‌୍ୟାକେଟରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପଚରାଉଚରା ଜାରି ରଖିଛି। ଶନିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ସ୍ୱାଧୀନତା ଦିବସରେ ସୁରକ୍ଷା ବ୍ୟବସ୍ଥା ନେଇ ଡିଜିପିଙ୍କ ସମୀକ୍ଷା

# ପ୍ରଦର୍ଶନୀ ପଡ଼ିଆରେ ଲାଗିବ ସିସିଟିଭି

ଭୁବନେଶ୍ୱର, ୯।୮ (ବ୍ୟୁରୋ)

**ସବୁଠି ଯାଞ୍ଚ କଡ଼ାକଡ଼ି**
- ପରେଡ଼ ବଦଳରେ କେବଳ ରାଷ୍ଟ୍ରୀୟ ସାଲ୍ୟୁଟ୍ ଗ୍ରହଣ କରାଯିବ
- ସାମିଲ ହେବେ ୫ଟି ପୋଲିସ ଟିମ୍ ଓ ବ୍ୟାଣ୍ଡ ପାର୍ଟି
- ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ



ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ବିଜୟ କୁମାର ଶର୍ମା ଦାୟିତ୍ୱ ନେବା ପରେ ଶୁକ୍ରବାର ଡିଜିପି କ୍ୟାମ୍ପ ଅଫିସରେ ପ୍ରଥମ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଟ୍ୱିନ୍ ସିଟିର ଆଇନଶୃଙ୍ଖଳା ସ୍ଥିତି ଓ ସ୍ୱାଧୀନତା ଦିବସ ପାଇଁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଥମଥର ଗାନ୍ଧୀମାର୍ଗ ବଦଳରେ ପ୍ରଦର୍ଶନୀ ପଡ଼ିଆରେ ସ୍ୱାଧୀନତା ଦିବସ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିଲାଗି ପାର୍କିଂ ବ୍ୟବସ୍ଥା, ଭିଆଇପିମାନଙ୍କ ବସିବା ସ୍ଥାନ ଓ ଜନସାଧାରଣ ଦେଖିବା ପାଇଁ ବ୍ୟବସ୍ଥା କରିବା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସବୁଥର ପରି ଏଥର ରାଜ୍ୟସ୍ତରୀୟ ପରେଡ଼ ହେବ ନାହିଁ। ପରେଡ଼ ବଦଳରେ କେବଳ ରାଷ୍ଟ୍ରୀୟ ସାଲ୍ୟୁଟ୍ ଗ୍ରହଣ କରାଯିବ। ଏଥିରେ ୫ଟି ପୋଲିସ ଟିମ୍ ଓ ବ୍ୟାଣ୍ଡ ପାର୍ଟି ସାମିଲ ହେବେ। ପ୍ରଦର୍ଶନୀ ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ। ତେଣୁ ସୁରକ୍ଷା ପାଇଁ କିଭଳି ବ୍ୟବସ୍ଥା ଗ୍ରହଣ କରାଯିବ ଓ କେତେ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଡିଜିପି ଶର୍ମା କଟକ ଓ ଭୁବନେଶ୍ୱରର ଆଇନ୍ ଶୃଙ୍ଖଳା ଉପରେ ପୋଲିସ କମିଶନରଙ୍କ ସହିତ ଆଲୋଚନା କରିଥିଲେ। ସହରର ସୁରକ୍ଷା ପାଇଁ ଆଉ କ'ଣ ଅଧିକ ବ୍ୟବସ୍ଥା କରାଯାଇପାରିବ ସେନେଇ ପରାମର୍ଶ ଦେଇଥିବା ଜଣାପଡିଛି। ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ହଟିବା ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ସମ୍ପର୍କ ଭଲ ନାହିଁ। ତେଣୁ ପାକିସ୍ତାନର ଆତଙ୍କବାଦୀ ଦେଶରେ ପଶି ସ୍ୱାଧୀନତା ଦିବସରେ ବଡଧରଣର ଅଘଟଣ ଘଟାଇପାରନ୍ତି। ଏ ନେଇ କେନ୍ଦ୍ର ଗୋଇନ୍ଦା ବିଭାଗ ଆଶଙ୍କା କରିବା ସହ ସମସ୍ତ ରାଜ୍ୟକୁ ଆଲର୍ଟ ରହିବାକୁ ପରାମର୍ଶ ଦେଇଛନ୍ତି। ତେଣୁ ବିମାନ ବନ୍ଦର ଓ ରେଳୱେ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାଧୀନତା ଦିବସ ପୂର୍ବରୁ ସହରରେ ଚେକିଂ ଓ ବ୍ଲକିଂ କଡ଼ାକଡ଼ି କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦର୍ଶନୀ ପଡ଼ିଆ ଓ ଏହାର ଆଖପାଖରେ ସିସିଟିଭି ଲଗାଇବା ସହ କଣ୍ଟ୍ରୋଲରୁମ୍ ଖୋଲାଯାଇ ତୀକ୍ଷ୍ଣ ନଜର ରଖିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ବିଶେଷକରି ଗୋଇନ୍ଦା ପୋଲିସକୁ ଅଧିକ ସକ୍ରିୟ ହେବାକୁ ପରାମର୍ଶ ଦିଆଯାଇଛି। ଯଦି ଗୋଇନ୍ଦା ବିଭାଗ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ପାଏ ତାହାଲେ ତୁରନ୍ତ ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ସହ ପଦକ୍ଷେପ ନେବାକୁ କୁହାଯାଇଛି। ବୈଠକ ପରେ ଏ ନେଇ ଡିଜିପି ଶର୍ମା ଗଣମାଧ୍ୟମକୁ କହିଛନ୍ତି, ଏଥର ନୂଆ କରି ସ୍ୱାଧୀନତା ଦିବସ ଗାନ୍ଧୀମାର୍ଗ ବଦଳରେ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ତେଣୁ ଭିଆଇପିମାନଙ୍କ ବସିବା ସ୍ଥାନ ଓ ସାଧାରଣ ଲୋକେ ଏହାକୁ ଦେଖିବା ସହ ପାର୍କିଂ ବ୍ୟବସ୍ଥା କରିବା ଲାଗି ଆଲୋଚନା କରାଯାଇଥିଲା। ଯେଭଳି ସ୍ୱାଧୀନତା ଦିବସ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେନେଇ ସମସ୍ତ ଉଦ୍ୟମ କରାଯାଉଛି। ସେହିପରି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏଥିସହ ହୋଟେଲ, ଲଜ୍ ଆଦି ବିଭିନ୍ନ ସ୍ଥାନରେ ଚେକିଂକୁ ଜୋରଦାର କରାଯିବ। ୫ଟି ଟିମ୍ ରାଷ୍ଟ୍ରୀୟ ସାଲ୍ୟୁଟ ପାଇଁ ସାମିଲ ହେଉଥିବାରୁ ସେମାନେ ୧୨ ଓ ୧୩ ତାରିଖରେ ଅଭ୍ୟାସ କରିବେ। ୧୩ ତାରିଖରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚୂଡ଼ାନ୍ତ ପ୍ରକ୍ରିୟା ଶେଷ ହେବ। କେଉଁ ଅଫିସର କେଉଁ ଦାୟିତ୍ୱରେ ରହିବେ ତାହା ସେହିଦିନ ଘୋଷଣା କରାଯିବ। ସ୍ୱାଧୀନତା ଦିବସର ଗୋଟିଏ ଦିନ ପୂର୍ବରୁ ପୋଲିସ ପକ୍ଷରୁ ଏକ ଅଭ୍ୟାସ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ବୈଠକରେ ପୋଲିସ କମିଶନରଙ୍କ ସମେତ ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ସୁନୀଲ ରୟ, ଏଡିଜି ରାଧାକୃଷ୍ଣ ଶର୍ମା, ଏଡିଜି ଆର.ପି.କୋଚେ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ସିଲ୍କ ଇଣ୍ଡିଆ ଏକ୍ସପୋ



ଭୁବନେଶ୍ୱର,୯-୮

- ୧୦ ଦିନ ଧରି ଚାଲିବ
- ବୁଣାକାରଙ୍କଠାରୁ ସିଧାସଳଖ ସାମଗ୍ରୀ କ୍ରୟ ସୁବିଧା

ହସ୍ତଶିଳ୍ପୀ ଆର୍ଟିଜାନ୍ସ ଏବଂ ୱେଭର୍ସ ୱେଲଫେୟାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହୋଟେଲ ନ୍ୟୁ ମ୍ୟାରିୟନଠାରେ ସିଲ୍କ ଇଣ୍ଡିଆ ଏକ୍ସପୋ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଏକ୍ସପୋର ଆୟୋଜକ ଅଭିନନ୍ଦ ଏବଂ ଓଡ଼ିଆ ଅଭିନେତ୍ରୀ ପୁନମ ମିଶ୍ର ଉଦ୍‌ଘାଟନ କରିଥିଲେ। ୧୦ ଦିନ ଧରି ଚାଲିବାକୁ ଥିବା ଏହି ଏକ୍ସପୋରେ ଗ୍ରାହକମାନେ ବିଭିନ୍ନ ଡିଜାଇନର ଶାଢି ପାଇପାରିବେ। ଏକ୍ସପୋରେ ୬୫ ଷ୍ଟଲ ସ୍ଥାପନ କରାଯାଇଛି। ଏଠାରେ ଗ୍ରାହକମାନେ ହ୍ୟାଣ୍ଡ ବ୍ଲକ ପ୍ରିଣ୍ଟ ଶାଢି, ସୁଟ ଏବଂ ସିଲ୍କ ବେଡ କଭର, ଡିଜାଇନ ୱେର ଏବଂ ବର୍ଡର, କୁର୍ତ୍ତି, ହାତ ତିଆରି ମଟକା ପାଇପାରିବେ। ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରୁ ଶାଢି ତଥା ଅନ୍ୟାନ୍ୟ କଲେକ୍ସନ ଏଠାରେ ଉପଲବ୍ଧ ହେବ। ଏହା ମଧ୍ୟରେ ରହିଛି ଆସାମ ମୁଗା ଫ୍ୟାବ୍ରିକ, ଅପୂର୍ବା ସିଲ୍କ ଶାଢି, ବାଲୁଚୁରି ଶାଢି, ଏମ୍ବ୍ରୋଡରି ଡିଜାଇନ ସିଲ୍କ ଶାଢି, ଭାଗଲପୁରୀ ସୁଟ, ପ୍ରିଣ୍ଟେଡ ସିଲ୍କ ଶାଢି, ରେଶମୀ ପ୍ଲେନ ଏବଂ ବୁଟି ଶାଢି, କର୍ଣ୍ଣାଟକ ସିଲ୍କ ଶାଢି ରହିଛି। ଏହା ବାଦ୍ ଚନ୍ଦେରୀ ସିଲ୍କ, କୋଟା ସିଲ୍କ, ମଲବେରୀ ସିଲ୍କ, ଟେମ୍ପଲ ବର୍ଡର, ବନାରସ ଜାମଦାନୀ, ମହୀଶୂର ସିଲ୍କ, କାଞ୍ଜିବରମ୍ ସିଲ୍କ ଭଳି ଅନେକ ଉତ୍ପାଦ ପ୍ରଦର୍ଶନୀରେ ଉପଲବ୍ଧ। ଏଠାରେ ବୁଣାକାରଙ୍କ ନିକଟରେ ଗ୍ରାହକମାନେ ସିଧାସଳଖ ସାମଗ୍ରୀ କ୍ରୟ କରିପାରିବେ ବୋଲି ଆୟୋଜକ ଅଭିନନ୍ଦ କହିଛନ୍ତି। ଗୋଟିଏ ଛାତ ତଳେ ସିଲ୍କ ଶାଢି ଏବଂ ଡିଜାଇନର ପରିଧାନଗୁଡିକର ସମ୍ଭାର ଦେଖି ଅତ୍ୟନ୍ତ ଖୁସୀ ବୋଲି ପୁନମ୍ ମିଶ୍ର କହିଛନ୍ତି।



## ରାଜଧାନୀରେ ୩୦ କଶ୍ମୀରୀ ଛାତ୍ରଙ୍କ ସୁରକ୍ଷା ବଢ଼ିଲା

ଭୁବନେଶ୍ୱର, ୯।୮ (ବ୍ୟୁରୋ)

**ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲା ପୋଲିସ**

ଜମ୍ମୁ -କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ସାରା ଦେଶରେ ଗୃହବିଭାଗ ପକ୍ଷରୁ ଆର୍ଲଟ ଜାରି କରାଯାଇଛି। ଦେଶର ବିଭିନ୍ନ ସ୍ଥାନରେ ପଢୁଥିବା କଶ୍ମୀରୀ ଛାତ୍ରଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ମଧ୍ୟ ଗୃହବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଭୁବନେଶ୍ୱରର ଦୁଇଟି ବିଶ୍ୱବିଦ୍ୟାଳୟରେ ୩୦ ଜଣ ଜମ୍ମୁ-କଶ୍ମୀର ଛାତ୍ର ପାଠ ପଢୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ କମିଶନରେଟ ପୋଲିସ ଅଧିକ ପ୍ରାଧାନ୍ୟ ଦେଇଛି। ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ହଷ୍ଟେଲ ୱାର୍ଡେନ ଏବଂ ସମ୍ପୃକ୍ତ ଛାତ୍ରମାନଙ୍କ ସହ ପୋଲିସ ଆଲୋଚନା କରିଛି। ଏହାପରେ କଶ୍ମୀରୀ ଛାତ୍ରମାନଙ୍କ ସୁରକ୍ଷା ବଢାଇ ଦିଆଯାଇଛି। ଯଦି ଏହି ଛାତ୍ରମାନେ ଘରକୁ ଯିବାକୁ ଚାହିଁବେ ତେବେ କର୍ତ୍ତୃପକ୍ଷ ପୋଲିସକୁ ଜଣାଇବା ପାଇଁ କୁହାଯାଇଛି। ଏ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ଦେଶରେ ହାଇଆଲର୍ଟ ଜାରି ହୋଇଛି। ତେଣୁ ବିଭିନ୍ନ ରାଜ୍ୟରେ ପଢୁଥିବା କାଶ୍ମୀର ଛାତ୍ରଙ୍କ ସୁରକ୍ଷା ବଢାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ଦୁଇଟି ବିଶ୍ୱବିଦ୍ୟାଳୟରେ ପଢୁଥିବା ୩୦ଜଣ କଶ୍ମୀରୀ ପିଲାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ହଷ୍ଟେଲ ୱାର୍ଡେନଙ୍କ ସହ ପୋଲିସ ଆଲୋଚନା କରିଛି। ଯଦି ଏହି ଛାତ୍ରମାନେ ଘରକୁ ଯିବାକୁ ଚାହିଁବେ ତେବେ ପୋଲିସକୁ ଜଣାଇବେ। ପୋଲିସ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଏ ନେଇ ଅବଗତ କରିବା ପରେ ସେମାନେ ଘରକୁ ଯାଇପାରିବେ।

### ସ୍ୟାଟ୍ ଉଚ୍ଛେଦକୁ ଆଇନଜୀବୀଙ୍କ ବିରୋଧ

# କଳାବ୍ୟାଜ ପିନ୍ଧି କାର୍ଯ୍ୟବନ୍ଦ ଆନ୍ଦୋଳନ



ଭୁବନେଶ୍ୱର କୋର୍ଟ ପରିସରରେ ଆଇନଜୀବୀମାନେ କଳାବ୍ୟାଜ ପରିଧାନ କରି ଧାରଣାରେ ବସିଛନ୍ତି।

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦକୁ ଆଇନଜୀବୀମାନେ ବିରୋଧ କରିଛନ୍ତି। ଏ ନେଇ ଭୁବନେଶ୍ୱର ଓକିଲ ସଂଘ ଏବଂ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଓକିଲ ସଂଘ ପକ୍ଷରୁ ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଆଇନଜୀବୀମାନେ କଳାବ୍ୟାଜ ପିନ୍ଧି ଧାରଣାରେ ବସିବା ସହ ରାସ୍ତାରେ ଏକ ମାନବ ଶୃଙ୍ଖଳ କରି ନୀରବ ପ୍ରତିବାଦ ଜଣାଇଥିଲେ। ଫଳରେ କୋର୍ଟ କାର୍ଯ୍ୟ ବ୍ୟାହତ ହୋଇଥିଲା। ଏ ନେଇ ଭୁବନେଶ୍ୱର ବାର୍ ଆସୋସିଏଶନର ଉପସଭାପତି ଶିଳଭଦ୍ର ଶାସ୍ତ୍ରୀ କହିଛନ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାର ହେଉଥିବା ସରକାରୀ କର୍ମଚାରୀଙ୍କ ମାମଲାରେ ବିଭିନ୍ନ ଦିଗରୁ ସମସ୍ୟା ଉପୁଜିବା ପରେ ତତ୍କାଳୀନ ସରକାର ଏକ ପ୍ରଶାସନିକ ନ୍ୟାୟାଧିକରଣ ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। ତଦନୁସାରେ ୧୯୮୫ରେ ପ୍ରଶାସନିକ ନ୍ୟାୟାଧିକରଣ ଆଇନ ଆସିଲା ଏବଂ ୧୯୮୬ ଜୁଲାଇ ୧୪ରେ ଏକ ଭଡାଘରେ ଟ୍ରିବ୍ୟୁନାଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ୯୦ ଦଶକରେ ଏହା ନିଜସ୍ୱ କୋଠାକୁ ସ୍ଥାନାନ୍ତର ହୋଇଥିଲା। ୩୨ବର୍ଷ ଭିତରେ ବହୁ ମାମଲାର ଫଇସଲା ହୋଇଛି। ବର୍ତ୍ତମାନ ଟ୍ରିବ୍ୟୁନାଲରେ ୭୨ ହଜାର ମକଦ୍ଦମା ପଡ଼ିରହିଥିବା ବେଳେ ଅଦ୍ୟାବଧି ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ମକଦ୍ଦମା ଫଇସଲା କରାଯାଇଛି। ପରବର୍ତ୍ତୀ ସମୟରେ ମକଦ୍ଦମାର ହାର ଏବଂ ଚାପ ଅଧିକ ବଢିବାରୁ କଟକରେ ଏକ ବେଞ୍ଚ ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ସର୍କିଟ କୋର୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ଏହାଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଓ ୨୦୦ କର୍ମଚାରୀ, ମୋହରିର ଉପକୃତ ହୋଇଆସୁଛନ୍ତି। ମାତ୍ର କେତେଜଣ ବରିଷ୍ଠ ଅଧିକାରୀଙ୍କ ପ୍ରରୋଚନାରେ ଓଡ଼ିଶା ସରକାର ଏକ ଅଚାନକ ନିଷ୍ପତ୍ତି ବଳରେ ୨୦୧୫ ସେପ୍ଟେମ୍ବର ୯ରେ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣକୁ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଲେ। ଏହାକୁ ଭୁବନେଶ୍ୱର ଓକିଲ ସଂଘ ଏବଂ ସ୍ୟାଟ୍ ଓକିଲ ସଂଘ ବିରୋଧ କରିଥିଲା। ଏଥିସହ ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ପୁନର୍ବିଚାର ପାଇଁ ଦାବି ଜଣାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ଭୁବନେଶ୍ୱର ବାର୍ ଆସୋସିଏଶନର ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ ଓ ସମ୍ପାଦକ ବିଶ୍ୱନାରାୟଣ ମହାନ୍ତି କହିଛନ୍ତି, ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ।

## ରେଡିଓଥେରାପି ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ସୁବିଧା ପାଇବେ ରୋଗୀ

କଟକ ଅଫିସ, ୯।୮

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ ଚିକିତ୍ସା କେନ୍ଦ୍ର ପରିସରରେ ଶୁକ୍ରବାର ରେଡିଓଥେରାପି ୟୁନିଟ୍ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଅତିଥି ଭାବେ ଯୋଗଦେଇ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୨୦୦ଶଯ୍ୟା ବିଶିଷ୍ଟ ଏହି ଗୃହ ନିର୍ମାଣ କରାଯିବ। ଏହି ରେଡିଓଥେରାପି ବିଲ୍ଡିଂ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଥିବା କ୍ୟାନସର ରୋଗୀଙ୍କ ଚିକିତ୍ସା ନିମନ୍ତେ ଆହୁରି ସୁବିଧା ସୁଯୋଗ ସୃଷ୍ଟି ହେବ। କ୍ୟାନସର ରୋଗ ନିୟନ୍ତ୍ରଣ ପାଇଁ କେତେକ କ୍ଷେତ୍ରରେ ରେଡିଓଥେରାପି ନିତ୍ୟାନ୍ତ ଆବଶ୍ୟକ। ରୋଗୀ ବାହାରକୁ ଯାଇ ଚିକିତ୍ସିତ ହେଉଛନ୍ତି। ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ରୋଗୀ ସମସ୍ତ ସୁବିଧା ପାଇପାରିବେ ବୋଲି ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟରୋଗ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ କେନ୍ଦ୍ରର ଗଭର୍ଣ୍ଣିଂ ବଡି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। କର୍କଟ ରୋଗ ଚିକିତ୍ସା ନିମନ୍ତେ ମେଶିନ, ଉପକରଣ କିଣିବା, କାର୍ଯ୍ୟ ଚାଲିଥିବା ବିଲ୍ଡିଂକୁ ଖୁବ୍‌ଶୀଘ୍ର ଶେଷ କରି ହସ୍ପିଟାଲକୁ ହସ୍ତାନ୍ତର କରିବା, ହସ୍ପିଟାଲର ସମସ୍ୟା ଦୂର ପାଇଁ ଧ୍ୟାନଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କେନ୍ଦ୍ରର କ୍ୟାମ୍ପସରେ ଏଲ୍‌ସିଡି ଡିସ୍‌ପ୍ଲେ ବୋର୍ଡ କାର୍ଯ୍ୟକ୍ଷମ ହୋଇଛି। ଏହି ବୋର୍ଡ ଜରିଆରେ କର୍କଟ ରୋଗର ଚିକିତ୍ସା ସମ୍ବନ୍ଧୀୟ ଭିଡିଓ ପ୍ରଦର୍ଶନ ହେବ। ଯାହାଦ୍ୱାରା ଏଠାକୁ ଆସୁଥିବା ସାଧାରଣ ରୋଗୀଙ୍କ ମଧ୍ୟରେ କର୍କଟ ରୋଗ ଉପରେ ସଚେତନତା ସୃଷ୍ଟି ହେବ। ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାଶ, ଉକ୍ତ କେନ୍ଦ୍ରର ଡିନ୍ ଏବଂ ପ୍ରିନ୍ସିପାଲ ନିରଞ୍ଜନ ରାଉତଙ୍କ ସମେତ ବହୁ ଡାକ୍ତର ଏବଂ ପ୍ରଫେସର ଯୋଗଦେଇଥିଲେ।

**ଫଟୋରେ ଖବର**


ଶ୍ରୀଜୀଉଙ୍କ ରଥ ଭଙ୍ଗାଯିବା ପରେ ଶୁକ୍ରବାର ଚକଗୁଡିକୁ ଗୁଣ୍ଡିଚା ମନ୍ଦିରକୁ ନିଆଯାଉଛି।


ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ଓରାନ୍ ନୃତ୍ୟ।



ଭୁବନେଶ୍ୱର ରୋଟାରୀ ଭବନରେ ଶୁକ୍ରବାର ଭାଷା ବିଶ୍ୱବିଦ୍ୟାଳୟ ପୋଲସରା ଏବଂ ଆମ ଭାଷା ଆମ ସାହିତ୍ୟ ପ୍ରତିଷ୍ଠାନ ବ୍ରହ୍ମପୁରର ରଜତ ଜୟନ୍ତୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ଅଗ୍ନିକୁ ବିଶ୍ୱାସୀ ଚାକର ରୂପେ କାର୍ଯ୍ୟରେ ଲଗାଅ,
କିନ୍ତୁ ଦୁର୍ଦ୍ଦାନ୍ତ ପ୍ରଭୁରୂପେ ନୁହେଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବେଆଇନ ଗଞ୍ଜେଇ ବିକ୍ରି ମାମଲା
## ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ପୁରୀ ଅଫିସ, ୯।୮:** ଏକ ବେଆଇନ ଗଞ୍ଜେଇ ବିକ୍ରି ମାମଲାର ଦୁଇବର୍ଷ ପରେ ରାୟ ପ୍ରକାଶ ପାଇଛି। ଶୁକ୍ରବାର ଏହି ମାମଲାର ବିଚାର କରି ଦ୍ୱିତୀୟ ଅତିରିକ୍ତ ଜିଲାଦୌରାଜଜ୍ ଏମ.ଆର.ଦୋରା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥି ସହିତ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ଏକବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ବ୍ରହ୍ମଗିରିର ଏକାଦଶୀ ଦୋ। ମିଳିଥିବା ସୂଚନା ପ୍ରକାରେ, ୨୦୧୭ ଜୁଲାଇ ୨୬ତାରିଖରେ ପୁରୀ ସଦର ଅବକାରୀ ମୋବାଇଲ ୟୁନିଟ୍ ସିଦ୍ଧମହାବୀର ପାଟଣା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଗଞ୍ଜେଇ ଭର୍ତ୍ତି ଦୁଇଟି ବ୍ୟାଗ ଧରି ସିଦ୍ଧମହାବୀର ନିକଟରେ ଠିଆ ହୋଇଥିବା ନେଇ ସୂଚନା ପାଇଥିଲେ। ଖବରପାଇ ଅବକାରୀ ମୋବାଇଲ ୟୁନିଟ୍ ଘଟଣା ସ୍ଥଳରେ ଚଢାଉ କରି ଏକାଦଶୀଙ୍କୁ ଗିରଫ କରିଥିଲା। ପରେ ଅବକାରୀ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟ ୩ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଉପରୋକ୍ତ ରାୟ ଶୁଣାଇଛନ୍ତି।

### ପଛନାୟିକିଆ ଟ୍ରିପଲ୍ ମର୍ଡର ମାମଲା
## ଦୁଇଗୋଷ୍ଠୀଙ୍କ ମଧରେ ଛକାପଞ୍ଝା

**ପୁରୀ ଅଫିସ, ୯।୮:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ପଛନାୟିକିଆ ଛକରେ ଗତ ଜୁଲାଇ ୧୪ତାରିଖରେ ସଦାନନ୍ଦପୁର ଗ୍ରାମର ଦୁଇ ଭାଇ ପୂର୍ଣ୍ଣ, କୃଷ୍ଣ ଏବଂ ଦାଦାପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୯ଜଣଙ୍କୁ ଗିରଫ କରିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ କୌଣସି ତତ୍ପରତା ପ୍ରକାଶ କରୁନାହିଁ। ଫେରାର ଅଭିଯୁକ୍ତମାନେ ନିକଟ ଜଙ୍ଗଲରେ ଛପି ରହିଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମକୁ କହିଛନ୍ତି। ପୋଲିସର ତଦନ୍ତରେ ନିଷ୍କ୍ରିୟତାରୁ ଫେରାର ଅଭିଯୁକ୍ତମାନେ ପୁଣି ଏକ ବଡ କାଣ୍ଡ ଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଜଣାପଡିଛି। ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଆଶଙ୍କା ରହିଛି। ଉଭୟ ଗୋଷ୍ଠୀଙ୍କ ମଧରେ ଛକାପଞ୍ଝା ଲାଗି ରହିଥିବା ଜଣାପଡିଛି। ପୁଣି ପଛନାୟିକିଆ ଛକରେ କୌଣସି ସମୟରେ ମଧ ଦୁର୍ଘଟଣା ଘଟିପାରେ ବୋଲି ସ୍ଥାନୀୟ କେତେଜଣ ବ୍ୟବସାୟୀ କହିଛନ୍ତି। ହତ୍ୟାକାଣ୍ଡ ପର ଠାରୁ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ପଛନାୟିକିଆ ଛକ ଦେଇ ଲୋକେ ବାଇକରେ ଯିବାକୁ ଭୟ କରୁଛନ୍ତି। ସନ୍ଧ୍ୟା ପରେ ଦୋକାନ ବଜାର ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ନିକଟରେ ୩ଟି ବାଇକରେ ୬ଜଣ ଯୁବକ ହଠାତ୍ ପଛନାୟିକିଆ ଛକରେ ପହଞ୍ଚି କାହାକୁ ଖୋଜିଥିଲେ। ପରେ ସେଠାରୁ ଦ୍ରୁତ ଗତିରେ ଚାଲିଯାଇଥିଲେ। ଏହି ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

### ମନ୍ଦିର ବେଢ଼ାରେ ପାଣି
# ଶ୍ରୀଲୋକନାଥଙ୍କ ଦର୍ଶନରେ ବାଧା

**ପୁରୀ ଅଫିସ, ୯।୮**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ପାଣି ଜମିଛି। ପ୍ରାୟ ଫୁଟେ ଉଚ୍ଚର ପାଣି ଭିତର ବେଢ଼ାରେ ଜମି ଥିବାରୁ ଭକ୍ତଙ୍କ ଦର୍ଶନରେ ବାଧା ଉପୁଜିଛି। ବର୍ଷା ପାଣି ଜମି ରହିଥିବାରୁ ଏଣେତେଣେ ଅଳିଆ ଆବର୍ଜନା ଭାସି ପରିମଳ ବ୍ୟବସ୍ଥାକୁ ବିଗାଡ଼ି ଦେଇଛି। ଏହାକୁ ନେଇ ଲୋକନାଥ ମନ୍ଦିରର ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ଶ୍ରାବଣ ମାସର ଶେଷ ସୋମବାର। ହଜାର ହଜାର କାଉଡ଼ିଆ ଭକ୍ତ ଜଳ ଲାଗି ପାଇଁ ଆସିବେ। ତେଣୁ ତା ପୂର୍ବରୁ ବେଢ଼ା ପରିସରରୁ ପ୍ରଶାସନ ଜଳ ନିଷ୍କାସନ କରିବା ଦରକାର ବୋଲି ସେବାୟତ କହିଛନ୍ତି।

ଅସରାଏ ବର୍ଷା ହେଲେ ଲୋକନାଥ ମନ୍ଦିରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ନିଷ୍କାସନ ସୁବିଧା ନ ଥିବାରୁ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହୁଛି। ତୁରନ୍ତ ଜଳ ନିଷ୍କାସନ ଲାଗି କୌଣସି



ଲୋକନାଥ ମନ୍ଦିର ପରିସରରେ ଜମି ରହିଥିବା ବର୍ଷା ଜଳ।

ପଦକ୍ଷେପ ନିଆଯାଉ ନ ଥିବାରୁ ଭକ୍ତ ଓ ସେବାୟତ ଅସୁବିଧା ଭୋଗୁଛନ୍ତି। ନିକଟରେ ହୋଇଥିବା ବର୍ଷା ଯୋଗୁ ମନ୍ଦିରରେ ଏହିପରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଥିଯୋଗୁ ଠାକୁରଙ୍କ ସେବାପୂଜା କରିବାରେ ସେବାୟତମାନେ ଅସୁବିଧା ଭୋଗିଥିବାବେଳେ ଭକ୍ତମାନେ ମଧ ଯା ଆସ କରିବାରେ ସମସ୍ୟାରେ ପଡିଛନ୍ତି। ପାଣି ଦେଖି କିଛି ଶ୍ରଦ୍ଧାଳୁ ଫେରି ଯାଉଥିବା ବେଳେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପଛ ଗେଟ୍ ଭକ୍ତଙ୍କ ଲାଗି ଖୋଲା ରଖାଯାଇଛି। କିନ୍ତୁ ଅନେକ ଶ୍ରଦ୍ଧାଳୁ ଏହା ଜାଣି ନ ପାରି ଫେରିଯାଉଥିବା ଜଣାପଡିଛି। ଏହାକୁ ନେଇ ସେବାୟତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ବେଢା ପରିସରରେ ପ୍ରାୟ ୧ ଫୁଟ ଉଚ୍ଚର ପାଣି ଜମିଛି। ଫଳରେ ଭକ୍ତମାନେ ପାଣି ଦେଖି ଫେରି ଯାଉଛନ୍ତି। ଆଗକୁ ଶ୍ରାବଣ ସୋମବାର। ତେଣୁ ପ୍ରଶାସନ ତୁରନ୍ତ ଜଳ ନିଷ୍କାସନ ଲାଗି ବ୍ୟବସ୍ଥା କରିବା ଦରକାର। ଏ ସମ୍ପର୍କରେ ଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡ଼ା କହିଛନ୍ତି, ଶ୍ରୀଲୋକନାଥ ମନ୍ଦିର ଖାଲୁଆ ଅଞ୍ଚଳରେ ରହିଛି। ମନ୍ଦିର ପରିସରରେ ଜଳ ନିଷ୍କାସନ ଲାଗି କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ତେଣୁ ବର୍ଷା ହେଲେ ପାର୍ବତୀ ସାଗରର ଜଳ ପତନ ଯାହା ରହୁଛି ମନ୍ଦିର ବେଢାରେ ସେହି ଉଚ୍ଚତାର ପାଣି ଜମୁଛି। ବର୍ତ୍ତମାନ ବେଢାରେ ଯେଉଁ ପାଣି ଜମିଛି ତାହାକୁ ରବିବାର ମୋଟର ଲଗାଇ ନିଷ୍କାସନ କରାଯିବ। ସୋମବାର ବୋଲ୍‌ବମ ଭକ୍ତମାନେ ଯେପରି ଜଳ ଲାଗି ପାଇଁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।



ଶ୍ରୀମନ୍ଦିରରୁ ବାହାରି ବାଡ଼ିନୃସିଂହ ଚାରି ଆଶ୍ରମ ବିଜେ ପାଇଁ ଯାଉଛନ୍ତି।

# ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ

**ପୁରୀ ଅଫିସ, ୯।୮**

ପବିତ୍ର ଶ୍ରାବଣ ଶୁକ୍ଳ ନବମୀ ତିଥିରେ ଶୁକ୍ରବାର ବାଡ଼ି ନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ନୃସିଂହ ଠାକୁର ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ରହିଥିବା ବିମାନରେ ବିଜେ କରିଥିଲେ। ଏହାପରେ ନୃସିଂହ ଠାକୁର ଚାରି ଆଶ୍ରମ ଭ୍ରମଣରେ ବାହାରିଥିଲେ। ମାର୍କଣ୍ଡ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତ ଅଙ୍ଗିରା, ବାଲିସାହିସ୍ଥିତ ପଣ୍ଡୁ ଓ ହରଚଣ୍ଡୀ ସାହିସ୍ଥିତି ଭୃଗୁ ଆଶ୍ରମକୁ ଯାଇଥିଲେ। ପ୍ରତ୍ୟେକ ଆଶ୍ରମରେ ଶୀତଳ ଭୋଗ ହୋଇଥିଲା। ଚାରି ଆଶ୍ରମ ପରିକ୍ରମା ପରେ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ନୃସିଂହ ଠାକୁର ଶ୍ରୀମନ୍ଦିରକୁ ଫେରିଥିଲେ। ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କୁହନ୍ତି, ପୂର୍ବରୁ ରଥଯାତ୍ରା ପରେ ପରେ ପୁରୀ ସହରରେ ଝାଡ଼ା ବାନ୍ତି ବ୍ୟାପୁଥିବାରୁ ଏହାକୁ ବାଡ଼ି ରୋଗ କୁହାଯାଉଥିଲା। ଏହି ରୋଗ ବ୍ୟାପିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

# ୨୫ ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ

**ପୁରୀ ଅଫିସ, ୯।୮**

ପୁରୀ ସହର ବ୍ରାଉନସୁଗାରର ପେଣ୍ଠସ୍ଥଳୀ ପାଲଟିଛି। ଏହାର ଚେର କଲିକତା ପର୍ଯ୍ୟନ୍ତ ଲମ୍ବିଛି। କଟକ ଓ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ଏ ନେଇ ଧରପଗଡ ପରେ ମେଟ୍ରୋ ସହର ବେପାରୀ ଏବେ ପୁରୀ ମୁହାଁ ହୋଇଛନ୍ତି। ଗତ ୬ତାରିଖରେ ନରେନ୍ଦ୍ରକୋଣ



ଜବତ ବ୍ରାଉନସୁଗାର।

ଅଞ୍ଚଳରେ ଜଣେ ମହିଳାଙ୍କୁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଅବକାରୀ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର ପୁଣି ଜଣେ ମହିଳାଙ୍କୁ ଉକ୍ତ ଅଞ୍ଚଳରୁ ବ୍ରାଉନସୁଗାର ସହ ଗିରଫ କରିଛି। ଗିରଫ ମହିଳା ହେଲେ ପାଞ୍ଚେଇ ନାୟକ(୪୦)। ତାଙ୍କ ଠାରୁ ୨୫ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ମିଳିଥିବା ସୂଚନା ପ୍ରକାରେ ପାଞ୍ଚେଇ ନରେନ୍ଦ୍ରକୋଣ ଅଞ୍ଚଳରେ ଏକ ବ୍ରାଉନସୁଗାର ପୁଡିଆ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ସଦର ଅବକାରୀ ଆଇଆଇସି ବିକାଶ କୁମାର ନାୟକ ଏକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଗ୍ରାହକ ସାଜି ତାଙ୍କ ସହ ମୂଲଚାଲ କରିଥିଲେ। ପରେ ପୋଲିସ ତାଙ୍କୁ ବ୍ରାଉନସୁଗାର ସହ ଗିରଫ କରିଥିଲା।



କୃଷ୍ଣପ୍ରସାଦ ବ୍ଲକ୍ ଖିରିସାହି ନିକଟସ୍ଥ ବଙ୍ଗୋପସାଗର ଉପକୂଳରେ ଗୁରୁବାର ଲାଗିଥିବା ବିରାଟ ପଣ୍ୟବାହୀ ଜାହାଜ।

# କୃଷ୍ଣପ୍ରସାଦ ଉପକୂଳରେ ଲାଗିଲା ବିରାଟ ଜାହାଜ

**କୃଷ୍ଣପ୍ରସାଦ, ୯।୮(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଖିରିସାହି ନିକଟସ୍ଥ ବଙ୍ଗୋପସାଗର ଉପକୂଳରେ ଗୁରୁବାର ଏକ ବିରାଟ ପଣ୍ୟବାହୀ ଜାହାଜ ଲାଗିଥିଲା। ଶୁକ୍ରବାର ଏନେଇ ଖବର ପ୍ରଚାରିତ ହେବା ପରେ ଜାହାଜ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ପରେ ଖବରପାଇ କୃଷ୍ଣପ୍ରସାଦ ଆଇଆଇସି ସୁଧିର କୁମାର ସାହୁ ଓ ଏସ୍‌ଆଇ ନାରାୟଣ ପ୍ରଧାନ ଏବଂ ବନବିଭାଗ ଟିମ୍ ସେଠାରେ ପହଞ୍ଚି ଜାହାଜରେ ଥିବା ୯ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ପଚରାଉଚରା କରିବାରୁ ଜାହାଜଟି ମାଲେସିଆରୁ ବିଶାଖାପାଟଣା ଫେରୁଥିବାବେଳେ ବଙ୍ଗୋପସାଗର ଯାନ୍ତ୍ରିକ ତ୍ରୁଟି ଯୋଗୁ ଦିଗହରା ହୋଇ କୃଷ୍ଣପ୍ରସାଦ ଉପକୂଳରେ ଲାଗିଥିଲା।

### ଦିବ୍ୟାଙ୍ଗଙ୍କ ଉନ୍ନତି ନିମନ୍ତେ ତାଲିମ ଶିବିର
# ସବୁ ପଞ୍ଚାୟତରେ ପିଏଜି ସଦସ୍ୟ ନିଯୁକ୍ତ

**ପୁରୀ ଅଫିସ, ୯।୮**

ବାତ୍ୟା ପରେ ପୁରୀ ଜିଲାରେ ପ୍ରଭାବିତ ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ଏଥିପାଇଁ ସବୁ ପଞ୍ଚାୟତରେ ଜଣେ ଲେଖାଏ ପିଏଜି (ପିପୁଲ୍ସ ଆକ୍ସନ ଗ୍ରୁପ୍) ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ପଞ୍ଚାୟତଗୁଡ଼ିକରେ ୨୬୮ ଜଣ ଏବଂ ପୁରୀ ପୌରସଂସ୍ଥାରେ ୩୨ ଜଣ ପିଏଜି ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ତତ୍ତ୍ୱାବଧାନରେ ପିଡବ୍ଲ୍ୟୁଡିଏସ୍ ରିହାବିଲିଟେଶନ ଆଫ୍ଟର ଫନି ଆଣ୍ଡ ଅନ୍‌ଫୋଲ୍‌ଡିଙ୍ଗ ଲାଇଭ୍‌ସ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦିବ୍ୟାଙ୍ଗଙ୍କୁ ଅନ୍‌ଲାଇନ ମାଧ୍ୟମରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏ ପର୍ଯ୍ୟନ୍ତ ୮,୧୫୨ଟି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ଶିବିର ଆୟୋଜନ କରାଯାଇ ୯୭୦ଟି ଆବଶ୍ୟକ ଯନ୍ତ୍ର ପ୍ରଦାନ କରାଯାଇଛି। ୧୦୦୭ ଜଣଙ୍କୁ କୌଶଳ ବିକାଶ ତାଲିମ ପ୍ରଦାନ କରାଯାଇଥିବା ବେଳେ ମିଶନ-୧୦୦୦ ମାଧ୍ୟମରେ ୧୦୦୦ ଦିବ୍ୟାଙ୍ଗଙ୍କୁ ଜୀବିକା ମିଶନରେ ସାମିଲ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ୯,୫୪୫ ଜଣ ଦିବ୍ୟାଙ୍ଗଙ୍କ ଗୃହ ନିର୍ମାଣ ଏବଂ ୫,୦୫୩ଟି ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ପିଏଜିମାନଙ୍କୁ ତାଲିମ ଦେବା ପାଇଁ ଶୁକ୍ରବାର ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଘର ଘର ବୁଲି ଦିବ୍ୟାଙ୍ଗମାନଙ୍କ ସମ୍ପର୍କରେ ପିଏଜିମାନେ ତଥ୍ୟ ସଂଗ୍ରହ କରିବେ। ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ସମସ୍ତଙ୍କ ସାହାଯ୍ୟ ଲୋଡା ଏବଂ ଏଥିପାଇଁ ସବୁ ବର୍ଗ ଆଗେଇ ଆସିବାକୁ ଜିଲାପାଳ କହିଛନ୍ତି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ ଏବଂ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ନିର୍ଦ୍ଦେଶକ ରାମକିଶୋର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ପାଇଁ ବିକ୍ଷୋଭ

**ପୁରୀ ଅଫିସ, ୯।୮**

ସମ୍ବିଧାନ, ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ପୁରୀରେ ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭକାରୀମାନେ କହିଥିଲେ ଯେ, କେନ୍ଦ୍ର ସରକାର ଧାରା ୩୭୦କୁ ଉଚ୍ଛେଦ କରିଛନ୍ତି। ଏହା ଆମ ସମ୍ବିଧାନ, ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରି କଶ୍ମୀର ଓ ଲଦାଖ ଅଞ୍ଚଳକୁ ସାମରିକ ଘାଟି ପାଇଁ ଆମେରିକାକୁ ଟେକିଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବାମପନ୍ଥୀ ଦଳଙ୍କ ନେତୃବୃନ୍ଦ କହିଥିଲେ।

### ବେଳାଭୂମି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବୈଠକ
# ଆବର୍ଜନା ସଂଗ୍ରହ ପାଇଁ ସଚେତନ କରିବେ ଏସ୍‌ଏଚ୍‌ଜି

**ପୁରୀ ଅଫିସ, ୯।୮**

ପୁରୀ ଜିଲାର ବେଳାଭୂମି ନିକଟରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ପ୍ରଦାନ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ଶୁକ୍ରବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ, ରାମଚଣ୍ଡୀ, ଜାହାନିଆଁ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ପାନୀୟଜଳ, ଆଲୋକୀକରଣ, ବର୍ଜ୍ୟବସ୍ତୁ ସଂଗ୍ରହ ଆଦି ପାଇଁ ପଦକ୍ଷପ ନିଆଯାଇଛି। ଏ ସଂକ୍ରାନ୍ତରେ ଟେଣ୍ଡର ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ପହିଲାରୁ ଏ ଦିଗରେ କାମ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାମଚଣ୍ଡୀ ଏବଂ ଚନ୍ଦ୍ରଭାଗାରେ ଅବରୋଧ ସୃଷ୍ଟି କରୁଥିବା ଦାକାନୀମାନଙ୍କୁ ହଟେଇବାକୁ ପଦକ୍ଷେପ ନିଆଯିବ। ପିପିଲି, ନିମାପଡ଼ା ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳରେ ଆବର୍ଜନା ସଂଗ୍ରହ ଦିଗରେ ସଚତନତା ସୃଷ୍ଟି ଲାଗି ପ୍ରତି ଅଞ୍ଚଳରେ ଏସ୍‌ଏଚ୍‌ଜିମାନଙ୍କୁ ସାମିଲ କରାଯିବ। ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ନିଯୁକ୍ତ କରାଯାଇ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। ଅଧିକ ଆବର୍ଜନା ସୃଷ୍ଟିକାରୀଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତଦ୍‌ବ୍ୟତୀତ ଆବର୍ଜନାରୁ ଖତ ସୃଷ୍ଟି ପାଇଁ ମାଇକ୍ରୋ କମ୍ପୋଷ୍ଟ ନିମନ୍ତେ ଆସନ୍ତା ୧୫ ତାରିଖ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ପୁରୀରେ ୮ଟି, ପିପିଲିରେ ୨ଟି, କୋଣାର୍କରେ ୩ଟି ଏବଂ ନିମାପଡ଼ାରେ ୨ଟି ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପିପିଲି ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ନିମାପଡ଼ା ନିର୍ବାହୀ ଅଧିକାରୀ କମଳଜିତ ମିଶ୍ର, କୋଣାର୍କ ନିର୍ବାହୀ ଅଧିକାରୀ ଏସ୍.ଶ୍ରୀନିବାସନ ପ୍ରମୁଖ ଉପସ୍ଥିତ ଥିଲେ।

### ୧୧ରୁ ରଙ୍ଗଶାଳାର ଜାତୀୟ ନାଟକ ମହୋତ୍ସବ
# ନଳିନୀ ନିହାରୀ ନାୟକ ପାଇବେ ବ୍ୟୋମକେଶ ସମ୍ମାନ

**ପୁରୀ ଅଫିସ, ୯।୮**

ଶ୍ରୀକ୍ଷେତ୍ରର ଅଗ୍ରଣୀ ନାଟ୍ୟଅନୁଷ୍ଠାନ ରଙ୍ଗଶାଳା ଆନୁକୂଲ୍ୟରେ ୧୨ତମ ଜାତୀୟ ନାଟକ ମହୋତ୍ସବ ଆସନ୍ତା ୧୧ତାରିଖରୁ ଅନୁଷ୍ଠିତ ହେବ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ୫ଦିନ ଧରି ଅନୁଷ୍ଠିତ ହୋଇ ୧୫ତାରିଖରେ ସମାପ୍ତ ହେବ। ଏହି ଅବସରରେ ଚଳିତ ବର୍ଷ ରାଉରକେଲାର ନ୍ୟୁ କ୍ରେଷ୍ଟ ରିପୋର୍ଟରି ନାଟ୍ୟ ସଂସ୍ଥାର ମୁଖ୍ୟ ତଥା ବିଶିଷ୍ଟ ନାଟ୍ୟ ପ୍ରତିଭା ବିସ୍ମିଲ୍ଲା ଖାନ୍ ସମ୍ମାନରେ ସମ୍ମାନିତ ନଳିନୀ ନିହାରୀ ନାୟକଙ୍କୁ ନାଟ୍ୟ ସଞ୍ଜୀବନୀ ବ୍ୟୋମକେଶ ସମ୍ମାନରେ ସମ୍ମାନିତ କରାଯିବ। ଏଥିରେ ଜାତୀୟସ୍ତରର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନମାନେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଙ୍ଗଶାଳାର ନିର୍ଦ୍ଦେଶକ ତଥା ନାଟ୍ୟକାର ବିକ୍ରମ ସାହୁ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା।

ପ୍ରଥମ ଦିବସରେ ଭୁବନେଶ୍ୱର ମନନ ନାଟ୍ୟ ସଂସ୍ଥା ପକ୍ଷରୁ ନାଟମଣ୍ଡପ, ୨ୟ ଦିନରେ ଜୀବନରେଖା ଅନୁଷ୍ଠାନ ପକ୍ଷରୁ ଚୁପ! କୋର୍ଟ ଚାଲିଛି, ୩ୟ ଦିନରେ କଲିକତାର କୋଲକାତା ନାଟ୍ୟସଭା ପକ୍ଷରୁ ବଙ୍ଗଳା ନାଟକ ଜଟିଲେଶ୍ୱର, ୪ର୍ଥରେ ଭୁବନେଶ୍ୱର ଏକ୍ସପ୍ରେସନ୍ ଅନୁଷ୍ଠାନ ପକ୍ଷରୁ ବୋତଲ ଭୂତ ଏବଂ ଶେଷ ରଜନୀରେ ଶତାବ୍ଦୀର କଳାକାରଙ୍କ ଦ୍ୱାରା ନାଟକ ବାଞ୍ଛାର ବଗିଚା ପରିବେଷିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଐତିହ୍ୟ ଗବେଷକ ଦେବୀ ନନ୍ଦ, ଯୁବ ସଙ୍ଗଠକ ବିଶ୍ୱରଞ୍ଜନ ମିଶ୍ର, ନାଟ୍ୟକାର ଭରତ ନାୟକ, ବଳରାଜ ତ୍ରିପାଠୀ, ରବି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷେ ପରେ ଦୂର ହୋଇନି ସୁଜାତାନଗରବାସୀଙ୍କ ଦୁଃଖ

**ପୁରୀ ଅଫିସ, ୯।୮**

**ଜଳବନ୍ଦୀ ଅବସ୍ଥାରେ ବିତୁଛି ଜୀବନ**

ସାମାନ୍ୟ ବର୍ଷା ହେଲେ ପୁରୀ ପୌରସଂସ୍ଥା ୧ ନଂ. ୱାର୍ଡର ମାଟିତୋଟା ଏବଂ ସୁଜାତାନଗର ଅଞ୍ଚଳବାସୀଙ୍କ ଦୁଃଖ ବଢିଯାଏ। ଜଳବନ୍ଦୀ ଜୀବନ ଅତିବାହିତ କରିବାକୁ ପଡେ ସେମାନଙ୍କୁ। ଘର ବାହାରକୁ ପାଦ ବଢାଇବା ମାତ୍ରେ ଖାଲି ପାଣି ଆଉ ପାଣି। ବିଶେଷକରି ବର୍ଷା ଋତୁରେ ଦୀର୍ଘଦିନ ଧରି ପାଣି ଜମି ରହୁଥିବାରୁ ଲୋକମାନଙ୍କ ଜୀବନ ବ୍ୟତିବ୍ୟସ୍ତ ହୋଇପଡେ। ବେଳେ ବେଳେ କୃତ୍ରିମ ବନ୍ୟା ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ଗତବର୍ଷ ଏଭଳି ସମସ୍ୟାରେ ଜର୍ଜରିତ ଅଞ୍ଚଳବାସୀ ବହୁବାର ପ୍ରଶାସନକୁ ଅବଗତ କରାଇଥିଲେ ବି ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରି



ସୁଜାତାନଗର ରାସ୍ତାରେ ପାଣି ଜମି ରହିଛି।

ନ ଥିଲା। ଇତିମଧ୍ୟରେ ବର୍ଷେ ଅତିକ୍ରାନ୍ତ ହୋଇଯାଇଛି। ପୁଣି ଆସିଛି ବର୍ଷା ଋତୁ। ସାମାନ୍ୟ ବର୍ଷାରେ ପୁଣି ଜଳବନ୍ଦୀ ହୋଇଛନ୍ତି ମାଟିତୋଟା ଏବଂ ସୁଜାତାନଗର ଅଞ୍ଚଳବାସୀ। ଏହି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ବାଇପାସ୍ ରୋଡରେ କଲଭର୍ଟ ତିଆରି କରାଯାଉଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଏହି ସମସ୍ୟା ଉପୁଜିଛି।

ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ଶରତ ମିଶ୍ର କହିଛନ୍ତି, ସାମାନ୍ୟ ବର୍ଷା ହେଲେ ମାଟିତୋଟାର ପଞ୍ଚମ ଲେନ୍ ଏବଂ ସୁଜାତା ନଗର ବାସିନ୍ଦାଙ୍କ ଦୁଃଖ ବଢିଯାଉଛି। ସେହିପରି ପ୍ରଶାସନର କରିଥିବା ଡ୍ରେନ୍ କାମକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଲଭର୍ଟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାସ୍ତା ଉପରେ ଅଣ୍ଟାଏ ଉଚ୍ଚର ପାଣି ଜମୁଛି। ଏହି ପାଣି ନିଷ୍କାସନ ହୋଇପାରୁ ନାହିଁ। ବେଳେ ବେଳେ ଘର ଭିତରେ ବର୍ଷା ଓ ନଳାପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସ୍କୁଲ ପିଲା ପାଠ ପଢିବାକୁ ଯାଇପାରୁନାହାନ୍ତି। କେହି ରୋଗରେ ପଡିଲେ ଡାକ୍ତରଖାନାକୁ ଯିବାକୁ ହଇରାଣ ହେଉଛନ୍ତି। ରାସ୍ତାରେ ନଳାପାଣି ଜମିବା ଦ୍ୱାରା କ୍ଷୀର ବ୍ୟବସାୟୀ, ପରିବା ବ୍ୟବସାୟୀ କେହି ବି ଆସୁନାହାନ୍ତି। ଏକପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି ଅଞ୍ଚଳବାସୀ। ଦୀର୍ଘଦିନ ଧରି ପାଣି ଜମି ରହିବାରୁ ଘର ଭୁଶୁଡିବା ଭୟ ମଧ ରହୁଛି। ଏମିତି କି ବିଭିନ୍ନ ପ୍ରକାର ଚର୍ମରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସ୍ଥିତି ଏମିତି ରହିଛି ଯେ, ଦିନରେ ମଶାରୀ ଟାଣି ଲୋକେ ରହୁଛନ୍ତି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ଲାଗି ଅଞ୍ଚଳବାସୀ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ ପ୍ରବୀର ରାୟ ମଧ ସମାନ ପ୍ରକାର ଅଭିଯୋଗ କରିଛନ୍ତି।



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ,
ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଲାଇସେନ୍ସ ବ୍ୟବସ୍ଥା ଉଚ୍ଛେଦ

**ଭୁବନେଶ୍ୱର,୯।୮(ବ୍ୟୁରୋ):** ପଞ୍ଜୀକୃତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକୁ ଆଉ ବାରମ୍ବାର ଲାଇସେନ୍ସ ନବୀକରଣ କରିବାକୁ ପଡିବନି। ରାଜ୍ୟ ସରକାର ଗତ ମାସ ୩୧ରେ ବାଣିଜ୍ୟିକ ପ୍ରତିଷ୍ଠାନ ନିୟମାବଳୀ-୧୯୫୮ ନିୟମ ୫କୁ ସଂଶୋଧନ କରି ନବୀକରଣ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି। ଯାହା ବ୍ୟବସାୟୀମାନଙ୍କୁ ଆଉ ଅସୁବିଧାରେ ପକାଇବନି। ଏଣିକି ରାଜ୍ୟରେ ନୂତନ ବାଣିଜ୍ୟ ଓ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବ। ଅଧିକ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଲେ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ହେବ। ରାଜ୍ୟ ସରକାରଙ୍କ ବ୍ୟବସାୟିକ କାର୍ଯ୍ୟପନ୍ଥାର ସରଳୀକରଣରେ ବେଶ୍ ସହାୟକ ହେବ ବୋଲି ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ କୁହାଯାଇଛି।

### ବାରଙ୍ଗରେ ବିଜ୍ଞାନ ଅଭିମୁଖୀ ଜନଯାତ୍ରା

**ବାରଙ୍ଗ/ନରାଜ, ୯।୮ (ଡି.ଏନ୍.ଏ.):** ବାରଙ୍ଗ କୁଞ୍ଜବିହାରୀ କଲେଜର ଛାତ୍ରୀଛାତ୍ରମାନେ ଶୁକ୍ରବାର ବିଜ୍ଞାନ ଅଭିମୁଖୀ ଜନଯାତ୍ରାରେ ସାମିଲ ହୋଇଛନ୍ତି। ଏକ ବିରାଟ ଶୋଭାଯାତ୍ରାରେ ପିଲାମାନେ ସ୍ଥାନୀୟ ଶନିମନ୍ଦିରଠାରୁ ବାହାରି ବାରଙ୍ଗ କଲେଜ ପର୍ଯ୍ୟନ୍ତ ଯାଇଥିଲେ। ବିଭିନ୍ନ ରଙ୍ଗବେରଙ୍ଗର ପୋଷ୍ଟରରେ ରାଜ୍ୟ ତଥା କେନ୍ଦ୍ର ସରକାର ତାଙ୍କ ବଜେଟରେ ୧୦-୩୦ପ୍ରତିଶତ ବିଜ୍ଞାନ ଶିକ୍ଷା ପାଇଁ ବ୍ୟୟବରାଦ କରିବା, ବିଜ୍ଞାନକୁ ଭରସା କରି ଅନ୍ଧବିଶ୍ୱାସକୁ ଦୂରକରିବା ଆଦି ସ୍ଲୋଗାନମାନ ଲେଖାଯାଇଥିବାର ଦେଖିବାକୁ ମିଳିଥିଲା। ଏହି ଜନଯାତ୍ରାରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟର ରସାୟନ ବିଭାଗର ପ୍ରଫେସର ଡ.ସିଦ୍ଧାର୍ଥ କେଶବ ଭରଦ୍ୱାଜ ଯୋଗଦେଇ ଜନଯାତ୍ରାର ଶୁଭାରମ୍ଭ କରିଥିଲେ। ବିଜ୍ଞାନ କେବଳ ସତ୍ୟକୁ ଆଧାରକରି ଆଜି ବିରାଟ ଜ୍ଞାନ ଜଗତ ସୃଷ୍ଟିକରିବାରେ ସକ୍ଷମ ହୋଇପାରିଛି ବୋଲି ଭରଦ୍ୱାଜ କହିଥିଲେ। ଅଶୋକ ରାଉତ ଏହାକୁ ସଂଯୋଜନା କରିଥିଲେ।

### ଗୋଦରେଜ ପକ୍ଷରୁ ରକ୍ତଦାନ ଶିବିର

**ବାଲିଅନ୍ତା,୯।୮(ଡି.ଏନ୍.ଏ.):** ରୁଦ୍ରପୁର ମୌଜାସ୍ଥିତ ଗୋଦରେଜ କମ୍ପାନୀ ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୮୨ୟୁନିଟ ରକ୍ତ ସଂଗ୍ରହୀତ ହୋଇଥିଲା। କଟକର କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ଡା.ଚନ୍ଦ୍ରିକା ପ୍ରସାଦ ଦାଶଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଶାଖା ପରିଚାଳକ ହେମନ୍ତ ପାଣ୍ଡେ, ଉପ ଶାଖା ପରିଚାଳିକା ସାଗରିକା ରାଉତରାୟ ଓ ଦିଲୀପ ପ୍ରତିହାରୀ ପରିଚାଳନା କରିଥିଲେ।

### ଜୈବ ଇନ୍ଧନ ବ୍ୟବହାର ନେଇ ସଚେନତତା

**ଭୁବନେଶ୍ୱର,୯।୮:** ଜୈବ ଇନ୍ଧନ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥି ଲାଗି ପ୍ରତିବର୍ଷ ଅଗଷ୍ଟ ୧୦କୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବେ ପାଳନ କରାଯାଉଛି। ପାରମ୍ପରିକ ଇନ୍ଧନର ବିକଳ୍ପ ଭାବେ ସରକାର ଜୈବ ଇନ୍ଧନ ବ୍ୟବହାର ନେଇ ଗ୍ରହଣ କରୁଥିବା ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରାଯିବ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ବିଜ୍ଞାନ ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ ଏହି ଅବସରରେ ଅତିଥି ଭାବେ ଯୋଗ ଦେବେ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ଭୁବନେଶ୍ୱରଠାରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ ବୋଲି ସୂଚନା ରହିଛି।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ବାଲିଅନ୍ତା, ୯।୮(ଡି.ଏନ୍.ଏ.):** ଗତ ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ହାଇଟେକ ସ୍କୁଲ ଅଫ୍ ନର୍ସିଂ ଭୁବନେଶ୍ୱରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ନାଟକ ପରିବେଷଣ କରି ସଚେତନତା ସୃଷ୍ଟି କରିଥିଲେ।

## ଭାରତର ବିଜ୍ଞାନ ଅଭିମୁଖୀ ଜନଯାତ୍ରା

# ସାମିଲ ହେଲେ ବୈଜ୍ଞାନିକ, ଛାତ୍ରୀଛାତ୍ର

**ଭୁବନେଶ୍ୱର, ୯।୮(ବ୍ୟୁରୋ)**

ଭୁବନେଶ୍ୱର ସମେତ ଦେଶର ପ୍ରାୟ ୮୦ଟି ସହରରେ ହଜାର ହଜାର ସଂଖ୍ୟାରେ ବୈଜ୍ଞାନିକ, ଗବେଷକ ତଥା ବିଜ୍ଞାନପ୍ରେମୀ ଛାତ୍ରୀଛାତ୍ରଙ୍କ ସହ 'ଭାରତର ବିଜ୍ଞାନ ଅଭିମୁଖୀ ଜନଯାତ୍ରା' ପାଳନ କରିଛନ୍ତି। ଜନଗଣ ସମାଜର ବୈଜ୍ଞାନିକ ଚିନ୍ତାର ପ୍ରଚାର-ପ୍ରସାର କରିବା ଓ ପ୍ରଚଳିତ ନାନାବିଧ ବିଭିନ୍ନ ଅନ୍ଧ ବିଶ୍ୱାସକୁ ଦୂର କରିବା ପାଇଁ ଏହି ଜନଯାତ୍ରାର ଆୟୋଜନ କରାଯାଇଛି। ଶୁକ୍ରବାର ଏ ପରିପ୍ରେକ୍ଷୀରେ ଆଇଓପି, ନାଇଜର, ଆଇଆଇଟି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ବହୁ ବୈଜ୍ଞାନିକ ଏବଂ ଗବେଷକମାନଙ୍କ ସହ ସହରର ବହୁ ସ୍କୁଲ, କଲେଜର ଛାତ୍ରୀଛାତ୍ରମାନେ ଶହ ଶହ ସଂଖ୍ୟାରେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଆଇନଷ୍ଟାଇନ, ସି.ଭି ରମଣ, ମେଘନାଦ ଶାହା, ମ୍ୟାଡାମ କ୍ୟୁରି ଓ ଷ୍ଟିଫେନ୍ ହକିଂଙ୍କ ପରି ବହୁ ପ୍ରଖ୍ୟାତ ବୈଜ୍ଞାନିକଙ୍କର ଫଟୋଚିତ୍ର ଓ ଉଦ୍ଧୃତି ସମ୍ବଳିତ ପୋଷ୍ଟରମାନ ଧରି ପିଲାମାନେ ବିଜ୍ଞାନକୁ ଏକ ଉତ୍ସବ ଭାବେ ପାଳନ କରିବାର ଦେଖାଯାଇଥିଲା। ଶୋଭାଯାତ୍ରା ରାମ ମନ୍ଦିର ଛକରୁ ବାହାରି ସଙ୍ଗୀତ ମହାବିଦ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସଭାର ଆୟୋଜନ କରାଯାଇଥିଲା।

ଏଠାରେ ଇନଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକ୍ସର ପୂର୍ବତନ ଅଧ୍ୟକ୍ଷ ସ୍ୱାଧୀନ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ବୀରେନ୍ଦ୍ର ନାୟକ, ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ବୈଜ୍ଞାନିକ ପ୍ରଫେସର ଅଜିତ ଶ୍ରୀବାସ୍ତବ, ପ୍ରଫେସର ବିଜୁ ରାଜଶେଖର, ପ୍ରଫେସର ଶୁଭାଶିଷ ବସାକ୍, ପ୍ରଫେସର ଏଲ୍.ପି.ସିଂହ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡଃ ସିଦ୍ଧାର୍ଥ ଭରଦ୍ୱାଜ ଏହି ସଭାକୁ ପରିଚାଳନ କରିଥିଲେ।



ରାମ ମନ୍ଦିରଠାରେ ବିଜ୍ଞାନ ଅଭିମୁଖୀ ଜନଯାତ୍ରାରେ ବୈଜ୍ଞାନିକମାନଙ୍କ ସହ ଛାତ୍ରୀଛାତ୍ରମାନେ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ


ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନେ ବିଶ୍ୱ ଆଦିବାସୀ ଦିବସ ପାଳନ କରୁଛନ୍ତି।

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇ ମୂଳନିବାସୀମାନଙ୍କର ସଂସ୍କୃତି ଓ ଇତିହାସ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କେକ୍ କାଟି ପରସ୍ପରକୁ ଖୁଆଇବା ସହ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ସଚିନ ଗୁଡୁ, ମୋଜେଶ ଦଳବେହେରା, ଆଲେକ୍ସ, ସୌମେନ୍ଦ୍ର ପ୍ରତାପ ଦାସ, କୈଶ୍ୟପ କୁମାର ମହାନ୍ତି, ଡାନିଏଲ ମାରାଣ୍ଡି, ଅବନି କହଁର, ସୂର୍ଯ୍ୟକାନ୍ତ ବେହେରା, ମନୋଜ ଭୂୟାଁ, ପ୍ରଫୁଲ୍ଲ, ସିନ୍ଧୁ, ନାଓମା, ପିଏଚଡି ଚାତ୍ର ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

### ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ବୈଷୟିକ ଶିକ୍ଷାରେ ଶତ ପ୍ରତିଶତ ଆର୍ଥିକ ସହାୟତା

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ବୈଷୟିକ ଶିକ୍ଷାପ୍ରାପ୍ତି ପାଇଁ ରାଜ୍ୟ ସରକାର ଅନେକ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ସନ୍ତାନମାନଙ୍କୁ ବୈଷୟିକ ଶିକ୍ଷାର ଲାଭ ଉଠାଇବା ଲାଗି ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ତିଆରି କରିଛନ୍ତି 'ନିର୍ମାଣ କୁସୁମ' ଯୋଜନା। ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟବୀମା ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ଶ୍ରମିକମାନଙ୍କ ପିଲାଙ୍କୁ 'କୁସୁମ ଯୋଜନା'ରେ ଶତ ପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗତ ବର୍ଷ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାକୁ ଆରମ୍ଭ କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ଏହି ଯୋଜନାରେ ୪୯୧୨ ଜଣ ହିତାଧିକାରୀ ଉପକୃତ ହୋଇଥିବା ବେଳେ ୧୫ କୋଟି ଟଙ୍କା ଅନୁମୋଦିତ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ଅନଲାଇନ ପୋର୍ଟାଲ ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରିବା ସହ ଇ-ଟ୍ରାନ୍ସଫର ଜରିଆରେ ଆର୍ଥିକ ସହାୟତା ଦିଆଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### କ୍ରାନ୍ତି ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବାରଙ୍ଗ,୯।୮(ଡି.ଏନ୍.ଏ.)-** ଶୁକ୍ରବାର କ୍ରାନ୍ତି ଦିବସ ଉପଲକ୍ଷେ ଦାରୁଠେଙ୍ଗ ଶହୀଦପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତିକମିଟି ଓ ପିଣ୍ଡିକି ୟୁଥକ୍ଲବର ମିଳିତ ଉଦ୍ୟମରେ କ୍ରାନ୍ତିଦିବସ ପାଳିତ ହୋଇଯାଇଛି। ଶହୀଦପିଣ୍ଡିକିଙ୍କ ଅଣନାତି ପ୍ରଫୁଲ୍ଲ ବାହୁବଳେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବିରାଜ ବିଧାର, ନିରୋଜ ଛୋଟରାୟ, ଶିବ ସୁନ୍ଦରରାୟ, ତପନ ଚକ୍ରବର୍ତ୍ତୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେମାନେ କ୍ରାନ୍ତିଦିବସର ପାଳନର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିବା ସହ ଜୟୀରାଜଗୁରୁ, ବକ୍ସିଜଗବନ୍ଧୁ, କୃତ୍ତିବାସ ପାଟଶାଣୀ, ମାଧବ ରାଉତରାୟଙ୍କର ସ୍ମୃତିଚାରଣ କରାଯାଇଥିଲା।

### ଏକାମ୍ର ଶିକ୍ଷା ନିକେତନରେ ବିଜ୍ଞାନ ମେଳା



**ପୁରୁଣା ଭୁବନେଶ୍ୱର, ୯।୮ (ଡି.ଏନ.ଏ.)**

ମୂଳାପଡ଼ିଆସ୍ଥିତ ଏକାମ୍ର ଶିକ୍ଷା ନିକେତନରେ ପଞ୍ଚମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୩ଟି ଜୋନରେ ପିଲାମାନଙ୍କ ଦ୍ୱାରା ପ୍ରାୟ ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସବୁଜ ଘର, ବାୟୁ ପ୍ରଦୂଷଣ, ଆମ ବିଦ୍ୟାଳୟ, ଏୟାର ପୋର୍ଟ, ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା ଆଦି ପ୍ରକଳ୍ପଗୁଡ଼ିକ ମୁଖ୍ୟ ଥିଲା। ଶୁକ୍ରବାର ପୂର୍ବାହ୍ନରେ ଏହି ମେଳାକୁ ଡ଼. ଦେବାଶିଷ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଘରୋଇ ବିଦ୍ୟାଳୟ ଓଡ଼ିଶା ଶାଖାର ସତ୍ୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ସାହୁ ମେଳା ପରିଚାଳନା କରିଥିବା ବେଳେ ସ୍କୁଲ ଅଧ୍ୟକ୍ଷ ବସନ୍ତ କୁମାର ବେହେରା ଏବଂ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।

### ଆଦିବାସୀ ବସ୍ତିରେ 'ଆର୍ଟ ଅଫ୍ ଗିଭିଂ'

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ବିଶ୍ୱ ଜନଜାତି ଦିବସ ଅବସରରେ ଶୁକ୍ରବାର ସାମାଜିକ ଅନୁଷ୍ଠାନ 'କଳିଙ୍ଗ ସିନେ ଆର୍ଟସ୍' ପକ୍ଷରୁ ଚନ୍ଦକା ଭୋଳା ନିକଟ ଆଦିବାସୀ ବସ୍ତିରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀ ବସ୍ତିର ପିଲାଙ୍କୁ ପୋଷାକ, ପାଠ୍ୟ ଉପକରଣ ଓ ଖାଦ୍ୟ ପୁଡ଼ିଆ ବଣ୍ଟାଯିବା ସହ ମହିଳାମାନଙ୍କୁ ଶାଢି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟାମାନେ ବସ୍ତିର ମହିଳାଙ୍କୁ ପରିବାର ନିୟନ୍ତ୍ରଣ, ନାରୀ ଶିକ୍ଷା ଓ ସଶକ୍ତୀକରଣ ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟ ସଦସ୍ୟମାନେ ପୁରୁଷମାନଙ୍କୁ ଏକଜୁଟ କରି ନିଶା ନିବାରଣ ବିଷୟରେ ସଚେତନ କରିଥିଲେ। ଏକ ତଥ୍ୟ ଭିତ୍ତିକ ଚଳଚ୍ଚିତ୍ର ପ୍ରଦର୍ଶନ କରି ନିଶା ନ ଖାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱ ଜନଜାତି ଦିବସ ଅବସରରେ ଅନୁଷ୍ଠାନର ସଭ୍ୟମାନେ ବସ୍ତିରେ ଆଦିବାସୀମାନଙ୍କ ସହ ପାରମ୍ପରିକ ଶାନ୍ତାଳ ନୃତ୍ୟକରି ଝୁମିଥିଲେ।

### ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୮(ବ୍ୟୁରୋ)**

ରାଜଭବନ ହସ୍ପିଟାଲ ପରିସରରେ ନିର୍ମିତ ରାଜଭବନ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ତାଙ୍କ ସହଧର୍ମିଣୀ ସୁଶୀଳା ଦେବୀ ଏହି ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ଉପସ୍ଥିତ ଥିଲେ। ୧୩୦୦ ବର୍ଗଫୁଟ ଉପରେ ନିର୍ମିତ ଏହି ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରରେ ପଞ୍ଚକର୍ମ ଚିକିତ୍ସା ଓ ନାସ୍ୟ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି। ରାଜ୍ୟପାଳ ଏହି କେନ୍ଦ୍ରକୁ ବୁଲି ଦେଖିବା ସହ କେନ୍ଦ୍ର ଦାୟିତ୍ୱରେ ଥିବା ଚିକିତ୍ସାକାରୀମାନଙ୍କ ଠାରୁ ବିଭିନ୍ନ ବିଷୟ ପଚାରି ବୁଝିଥିଲେ। ଉତ୍ତମ ସେବା ଏବଂ ଚିକିତ୍ସା ପ୍ରଦାନ ପାଇଁ ଯତ୍ନଶୀଳ ରହିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

## କ୍ୟାପିଟାଲ ହସ୍ପିଟାଲରେ ପୋଲିସକୁ ମାଡ଼ ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର,୯।୮(ବ୍ୟୁରୋ)**



କ୍ୟାପିଟାଲ ହସ୍ପିଟାଲରେ ବୁଧବାର ରାତିରେ କାର୍ଯ୍ୟରତ ୪ଜଣ ପୋଲିସ କର୍ମଚାରୀଙ୍କୁ ପ୍ରାୟ ୧୦ଜଣ ଯୁବକ ମାଡ଼ ମାରିଥିଲେ। ଏହି ଘଟଣାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହାର ଭିଡିଓ ଏବେ ଭାଇରାଲ ହେଲାଣି। ଏହାସତ୍ତ୍ୱେ ଥାନା ଅଧିକାରୀ ମାମଲା ରୁଜୁ କରିବାକୁ ପଛାଉଛନ୍ତି। ଏହି ଆକ୍ରମଣ ପଛରେ କେତେଜଣ ପ୍ରଭାବଶାଳୀ ଲୋକଙ୍କ ହାତ ଥିବା କୁହାଯାଉଛି। ଅଜିତ ସ୍ୱାଇଁ ନାମକ କନଷ୍ଟେବଳ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଥାନା ଅଧିକାରୀ ଅଭିଯୋଗ ହୋଇ ନ ଥିବା କହୁଛନ୍ତି। ପୋଲିସକୁ ମାଡ ନୁହେଁ କେବଳ ଧସ୍ତାଧସ୍ତି ହୋଇଥିବା ଥାନାଧିକାରୀ କହିଛନ୍ତି। ହେଲେ ୧୨ତାରିଖ ସୁଦ୍ଧା ଆକ୍ରମଣକାରୀମାନଙ୍କୁ ପୋଲିସ ଗିରଫ ନ କଲେ ଆମ ଅଧିକାର ସାମାଜିକ ସଙ୍ଗଠନ ରାସ୍ତାକୁ ଓହ୍ଲାଇବ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ଗଣେଶ ଦାଶ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏହି ଆକ୍ରମଣ ପଛରେ ସ୍ଥାନୀୟ ଗୁଣ୍ଡା ଓ ଜଣେ ମେଡିସିନ୍ ଦୋକାନୀଙ୍କ ହାତ ରହିଛି। କାରଣ ଏହି ଗୁଣ୍ଡାଶ୍ରେଣୀର ଯୁବକମାନେ ହସ୍ପିଟାଲକୁ କରାୟତ୍ତ କରି ରଖିଛନ୍ତି। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଇ ମୋଟା ରକମର ପାଉଣା ନେଉଛନ୍ତି। ଏସବୁ ବିଷୟରେ ପୋଲିସ ଜାଣିଥିଲେ ମଧ୍ୟ ଚୁପ ବସିଛି। ତେବେ ଅଜିତ ଏହାକୁ ବିରୋଧ କରିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ମାଡ଼ ମରାଯାଇଛି। ନ୍ୟାୟ ମିଳି ନ ଥିବାରୁ ଅଜିତ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅପରଗୋଷ୍ଠୀ ଅଜିତଙ୍କ ନାମରେ କୋର୍ଟରେ ଏକ ମାମଲା କରିଥିବା ଜଣାପଡ଼ିଛି। ଅଜିତ ତାଙ୍କୁ ଦାଦାବଟି ମାଗୁଥିବା ସେ ଅଭିଯୋଗ ଆଣିଛନ୍ତି।

## କଳିଙ୍ଗ କଳା ମହାବିଦ୍ୟାଳୟ ଉଦ୍‌ଘାଟିତ

# ଶୃଙ୍ଖଳିତ ମାର୍ଗରେ ଗଲେ ମିଳିବ ସଫଳତା

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପରିସରରେ ଚଳିତ ଶିକ୍ଷାବର୍ଷଠାରୁ ଆରମ୍ଭ ହୋଇଥିବା କଳିଙ୍ଗ କଳା ମହାବିଦ୍ୟାଳୟ ଶୁକ୍ରବାର ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ନେଇ ଏ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଫେସର ମିଶ୍ର ଉଦ୍‌ବୋଧନ ଦେଇ ଶୃଙ୍ଖଳିତ ମାର୍ଗରେ ପରିଚାଳିତ ହେଲେ ସଫଳତା ମିଳିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଭୁତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ କଳାଶିକ୍ଷାର ବ୍ୟାପକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ସାହୁ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ବରିଷ୍ଠ ଆଇନଜୀବୀ କରୁଣାକର ରଥ, ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ଡ. ଫାଲଗୁନୀ ରାୟ, ଫଟୋଗ୍ରାଫର ସିଦ୍ଧାର୍ଥ ଦେ, ଚିତ୍ରଶିଳ୍ପୀ ରଘୁନାଥ ସାହୁ, ଅଧ୍ୟାପକ ଜିତେନ୍ଦ୍ର ଭଞ୍ଜ, ଅରବିନ୍ଦ ଦାସ ଓ ପ୍ରିୟ ରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ରହି ଚିତ୍ରକଳା ଶିକ୍ଷା ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ସହବନ୍ଧିତ କଳିଙ୍ଗ କଳା ମହାବିଦ୍ୟାଳୟର ଯୁଗ୍ମ ସମ୍ପାଦକ ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ତାରାକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ଡବ୍ଲ୍ୟୁଟିଏଫ୍‌ରେ କୁକେରୀ ୱାର୍କଶପ୍

**ଭୁବନେଶ୍ୱର,୯।୮**

ଡବ୍ଲ୍ୟୁଟିଏଫ୍ ପକ୍ଷରୁ ସ୍ଥାନୀୟ ଭବାନୀ ମଲ୍‌ଠାରେ ଏକ କୁକେରୀ ୱାର୍କ ଶପ୍ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟର ସେଫ୍ ଇଣ୍ଡିଆ ସିଜନ ୪ର ସେଫ୍ ପ୍ରିୟଙ୍କା ଏମ୍ ଏହି ଅବସରରେ ଯୋଗ ଦେଇଥିଲେ। ସେ ୧୦ ପାର୍ଟି ବ୍ୟଞ୍ଜନ ସମ୍ପର୍କରେ କାର୍ଯ୍ୟକ୍ରମରେ ଶିକ୍ଷା ଦେଇଥିଲେ। କଟକ ଏବଂ ଭୁବନେଶ୍ୱରରୁ ମହିଳମାନେ ଏଠାରେ ଯୋଗ ଦେବା ସହ ବିଭିନ୍ନ ପ୍ରତିଯୋଗିତା, କ୍ୱିଜ ଏବଂ କଲିନାରୀ ଆକ୍ଟିଭିଟିରେ ଅଂଶ ଗ୍ରହଣ କରିଥିଲେ। ଏହି କଣ୍ଟେଷ୍ଟରେ ଅନୀତା ଅଗ୍ରୱାଲ ପ୍ରଥମ ହୋଇଥିବା ବେଳେ ତସନିମ ଭାନା ଦ୍ୱିତୀୟ ଏବଂ ଦେବଜିତା ଡାଙ୍ଗୁଆ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଜେତାଙ୍କୁ ପୁରସ୍କୃତ କରାଯିବା ସହ କ୍ୱିଜ ୱିନରଙ୍କୁ ଉପହାର ପ୍ରଦାନ କରାଯାଇଥିଲା।



## ୧ ଲକ୍ଷ ଦସ୍ତଖତ ଲାଗି ଅଭିଯାନ ଆରମ୍ଭ

# ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବାକୁ ପ୍ରୟାସ

**ଭୁବନେଶ୍ୱର, ୯।୮(ବ୍ୟୁରୋ)**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ବାର୍ଷିକ ଅବସରରେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନୀତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ରଖିଛନ୍ତି। ଏହି ପ୍ରସ୍ତାବକୁ ସମର୍ଥନ କରି ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ଓ ବିଭିନ୍ନ ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ ଅହିଂସା ଲାଗି ୧ ଲକ୍ଷ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର କ୍ରାନ୍ତିଦିବସଠାରୁ ଏହା ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଏହା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ଦିଆଯିବ। ରାଜ୍ୟ ସଂଗ୍ରହାଳୟ ସମ୍ମୁଖ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଆୟୋଜିତ ସମାରୋହରେ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ପ୍ରଥମେ ଦସ୍ତଖତ କରି ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ଅଶୋକ ପଣ୍ଡା, ଏମ୍‌ପି ଭର୍ତ୍ତୃହରି ମହତାବ, ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ପ୍ରଦୀପ କୁମାର ଅମାତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଦେବୀ ପ୍ରସାଦ ମିଶ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜେଡି ଭୁବନେଶ୍ୱର ଜିଲା ସଭାପତି ଅମରେଶ ଜେନା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇ ନିଜର ଦସ୍ତଖତ ପ୍ରଦାନ କରିଛନ୍ତି। ରାଜ୍ୟର ସବୁ ଅଞ୍ଚଳରୁ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନୀତ କରିବା ଲାଗି ଏହି ଦସ୍ତଖତ ଅଭିଯାନକୁ ଆରମ୍ଭ କରାଯାଇଛି ବୋଲି ଆବାହକ ଉପେନ୍ଦ୍ର ପାଢୀ ଓ ବିରୂପାକ୍ଷ ତ୍ରିପାଠୀ କହିଛନ୍ତି।



ଅଭିଯାନରେ ଲୋକମାନେ ଦସ୍ତଖତ କରୁଛନ୍ତି।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



■ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ

# ମୁକ୍ତି ସଂଗ୍ରାମରେ ଓଡ଼ିଶାର ବଳିଷ୍ଠ ଭୂମିକା ଥିଲା

■ ୩ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ
■ ଡାକ ବିଭାଗର ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

ଭୁବନେଶ୍ୱର,୯।୮(ବ୍ୟୁରୋ)

ମୁକ୍ତି ସଂଗ୍ରାମରେ ଓଡ଼ିଶାର ଭୂମିକା ଯଥେଷ୍ଟ ଥିଲା। ଓଡ଼ିଶାର ବରପୁତ୍ରମାନେ ନିଜ ତ୍ୟାଗ ଓ ବଳିଦାନ ପାଇଁ ଚିରକାଳ ମନେରହିବେ। ସେହି ମହାନ ବରପୁତ୍ରମାନଙ୍କ ଜୀବନକୁ ଅନୁଶୀଳନ କରି ବର୍ତ୍ତମାନର ପିଢ଼ି ନିଜର ଚେତାନକୁ ଜାଗ୍ରତ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜ୍ୟ ଅଭିଲେଖାଗାର ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ଦେଶଭକ୍ତି ଓ ବଳିଦାନକୁ ସ୍ମରଣ କରିଥିଲେ। କ୍ରାନ୍ତିର ଅର୍ଥ ରକ୍ତପାତ ନୁହେଁ। ଏହାର ଅର୍ଥ ପରିବର୍ତ୍ତନ। ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଜୀବନରେ କ୍ରାନ୍ତି ଆଣିଥିଲେ। ସେହିପରି ଛତ୍ରପତି ଶିବାଜୀଙ୍କ ଜୀବନରେ ତାଙ୍କ ଗୁରୁ ସ୍ୱାମୀ ରାମଦାସ ନିଜର ଶିକ୍ଷା ଦ୍ୱାରା କ୍ରାନ୍ତି ଜାଗ୍ରତ କରାଇଥିଲେ। ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ ଓ ଅହିଂସା ମାର୍ଗ ଜରିଆରେ ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାକୁ ଦେଶବାସୀଙ୍କ ମଧ୍ୟରେ କ୍ରାନ୍ତିର ଚେତନା ଜାଗ୍ରତ କରାଇଥିଲେ। ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିବା 'ଭାରତ ଛାଡ଼ ଆନ୍ଦୋଳନ' ଭାରତର ମୁକ୍ତି ସଂଗ୍ରାମରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଓଡ଼ିଶା ଗସ୍ତ ସମୟରେ ଗାନ୍ଧିଜୀ ଏଠାକାର ଦାରିଦ୍ର୍ୟକୁ ଦେଖି ବିଚଳିତ ହୋଇଥିଲେ। ଗରିବ ଓ ଅବହେଳିତଙ୍କୁ ସାହାଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀ ଗସ୍ତ କରିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏକ ସର୍କିଟ୍‌ରେ ପରିଣତ କରି ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିବା ମନ୍ତ୍ରୀ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଭାରତ ଛାଡ଼ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋକପାତ କରି ଏହି ଆନ୍ଦୋଳନରୁ ବ୍ରିଟିଶ୍ ସାମାଜ୍ୟବାଦ ବିଲୋପର ବୀଜ ସ୍ଥାପିତ ହୋଇଥିଲା ବୋଲି କହିଥିଲେ। ଓଡ଼ିଶା ଡାକ ସର୍କଲର ମହାଡାକପାଳ ସନ୍ତୋଷ କୁମାର କାମିଲା କାର୍ଯ୍ୟକ୍ରମରେ ଯୋଗଦେଇ ଡାକ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଏବଂ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତକୁ ନେଇ ଡାକଟିକେଟ ଓ ଫଟୋ ପ୍ରଦର୍ଶନୀ ଆୟୋଜନ କରୁଥିବା କହିଥିଲେ। ଏହି ଅବସରରେ ରାଜ୍ୟପାଳ ୩ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ତଥା ଭଦ୍ରକ ଜିଲାର ରାମହରି ଗୋସ୍ୱାମୀ ଓ ଶ୍ୟାମସୁନ୍ଦର ବେହେରା ଏବଂ ସମ୍ବଲପୁର ଜିଲାର ଦେବାନନ୍ଦ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡାକ ବିଭାଗ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରିବା ସହ ରାଜ୍ୟ ଅଭିଲେଖାଗାରର ସୋସିଆଲ ମିଡ଼ିଆ ଦୃଶ୍ୟ ଶ୍ରାବ୍ୟ ଅଭିଲେଖାକୁ ଲୋକାର୍ପଣ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସଚିବ ସଂଘମିତ୍ରା ଶତପଥୀ ଏବଂ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ମଞ୍ଚାସୀନ ଥିଲେ। ଗାନ୍ଧିଜୀ, ଓଡ଼ିଶା ଓ ଭାରତଛାଡ଼ ଆନ୍ଦୋଳନକୁ ନେଇ ଆୟୋଜିତ ଫଟୋ ଓ ଡାକଟିକେଟ ପ୍ରଦର୍ଶନୀକୁ ରାଜ୍ୟପାଳ ବୁଲି ଦେଖିଥିଲେ।



୩ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରୁଛନ୍ତି।

'ପ୍ରଜାତନ୍ତ୍ର'ର ୭୨ତମ ଜନ୍ମବାର୍ଷିକୀ ଆଲୋଚନାଚକ୍ର

# ସ୍ୱାଧୀନ ଖବର ପରିବେଷଣ ଖବରଦାତାଙ୍କ ଧର୍ମ

କଟକ ଅଫିସ,୯।୮

ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ୭୨ତମ ଜନ୍ମବାର୍ଷିକୀ ସମାରୋହ ବିଷୁବମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ଆଞ୍ଚଳିକ ମୁଖ୍ୟ ଗୋପାଳକୃଷ୍ଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗଣମାଧ୍ୟମ ଖବରଦାତାମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବାକୁ ଉଦ୍ୟମ କରିଥାନ୍ତି। ଆବଶ୍ୟକତା ଅନୁଯାୟୀ ଖବରଦାତା ନିଜର ଉପାର୍ଜନକୁ ଦୃଷ୍ଟିରେ ରଖିବା ସହ ନିଜର କାର୍ଯ୍ୟକୁ ସମାଜର ସେବା ଭାବେ ଗ୍ରହଣ କଲେ ତାହା ନୈତିକ ମୂଲ୍ୟବୋଧ ସ୍ଥାପନ କରିବ। ଗୁଣାତ୍ମକ ମାନର ସମ୍ବାଦ ପରିବେଷଣ ଗୋଟିଏ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିଥାଏ ବୋଲି ମହାପାତ୍ର କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଦେବୀଲାଲ୍ ମିଶ୍ର ବକ୍ତାଭାବେ ଯୋଗଦେଇ କହିଥିଲେ, ନିର୍ଦ୍ଦିଷ୍ଟ ଏକ ଏଜେଣ୍ଡା ଧରି ଖବରଦାତା କାର୍ଯ୍ୟ କରିବା ସମୀଚୀନ ନୁହେଁ। ଆତ୍ମସମ୍ମାନ, ସମ୍ପାଦକୀୟ ସ୍ୱାଧୀନତା ଓ ସତ୍ୟର ସହ ସମ୍ବାଦ ପରିବେଷଣ ଖବରଦାତାଙ୍କ ଧର୍ମ ହେବା ଉଚିତ୍। ଦ୍ୱିତୀୟ ଅଧିବେଶନରେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ର ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଓ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ଡ. ମହତାବଙ୍କ ଅବଦାନ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟ ହେବା ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଚକେଇସିଆଣୀ ଅଞ୍ଚଳର କ୍ଷୀର ଦାସଙ୍କ କହିବାନୁଯାୟୀ, ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ଦୁଇଟି ବାଇକରେ ୨ଜଣ ଯୁବକ ଆସିଥିଲେ। ଜଣେ ଏକ ବାଇକରେ ବସିଥିବାବେଳେ ଅନ୍ୟ ଜଣେ ବୃଦ୍ଧାଙ୍କ ପାଖକୁ ଯାଇ ଏକ ଘର ଠିକଣା ପଚାରିଥିଲେ। ଏହି ସମୟରେ ହଠାତ ମହିଳାଙ୍କ ବେକରୁ ଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଯୁବକମାନେ ବାଇକରେ ଥିବା ଅନ୍ୟ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ଯତିନ୍ଦ୍ର ନାଥ ସେଠୀ କହିଛନ୍ତି।

## ସଂକ୍ଷେପରେ

### ଦୋକାନରୁ ମହିଳାଙ୍କ ସୁନାଚେନ ଝାମ୍ପିନେଲେ ୨ ଦୁର୍ବୃତ୍ତ

**କଟକ ରୋଡ,୯।୮(ଡି.ଏନ୍.ଏ.):** ଲୁଟ୍ ନିୟନ୍ତ୍ରଣ ପାଇଁ ଯେତେ ଯୋଜନା ପ୍ରସ୍ତୁତ ହେଲେ ମଧ ରାଜଧାନୀରେ ଲୁଟେରାଙ୍କ ଦୌରାତ୍ମ୍ୟ କମୁନାହିଁ। ଏଭଳି ଘଟଣାକ୍ରମେ ଶୁକ୍ରବାର ବଡ଼ଗଡ଼ ଥାନା ଅଞ୍ଚଳର ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ବଡ଼ଗଡ଼ ବ୍ରିଟ କଲୋନୀ ପାଣି ଟାଙ୍କି ନିକଟରେ ଓମଫେଡ ବୁଥ କରିଥିବା ପୁଷ୍ପାଞ୍ଜଳି ପାତ୍ର। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ପୁଷ୍ପାଞ୍ଜଳି ବୁଥରେ ଥିବା ବେଳେ ଏକ ବାଇକ୍‌ରେ ୨ଯୁବକ ମହିଳାଙ୍କ ଦୋକାନରେ ପହଞ୍ଚିଥିଲେ। ଜଣେ ବାଇକରେ ଥିବା ବେଳେ ଅନ୍ୟ ଜଣେ ଯୁବକ ପୁଷ୍ପାଞ୍ଜଳିଙ୍କୁ ମାଦକଦ୍ରବ୍ୟ ମାଗିଥିଲେ। ତେବେ ସେ ମନାକରିବାରୁ ହଠାତ୍ ଯୁବକଜଣଙ୍କ ମହିଳାଙ୍କ ସୁନାଚେନ ଛିଡାଇ ନେଇଥିଲେ। ଉଭୟଙ୍କ ମଧରେ ଠେଲାପେଲା ପରେ ଯୁବକଜଣଙ୍କ ପ୍ରାୟ ୩ଭରି ଓଜନର ଚେନ ଲୁଟି ନେଇଥିବା ବେଳେ ପୁଷ୍ପାଞ୍ଜଳି ପଡିଯାଇ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୨ ଲୁଟେରାଙ୍କୁ ପିଛା କରିଥିଲେ ମଧ ଧରିପାରି ନ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।




ଭୁବନେଶ୍ୱର ସୂଚନା ଭବନରେ ସମ୍ଭାବନା ପକ୍ଷରୁ ଶୁକ୍ରବାର ଆୟୋଜିତ ସଙ୍ଗୀତ ଭିତିକ କାର୍ଯ୍ୟକ୍ରମ 'ଜୟ ହୀନ୍ଦରେ' ସଙ୍ଗୀତ ପରିବେଷଣ।

# ଦେଶାତ୍ମବୋଧକ ସନ୍ଧ୍ୟାରୁ ଆରମ୍ଭ ହେଲା 'ଗାନ୍ଧୀ ଗାଥା ଉତ୍ସବ'

ଭୁବନେଶ୍ୱର, ୯।୮(ବ୍ୟୁରୋ)

ରଘୁପତି ରାଘବ ରାଜାରାମ୍, ସାବରମତୀ କେ ସନ୍ଥ ତୁନେ, ଶୁନୋ ଶୁନୋ ଏ ଦୁନିୟା ବାଲୋଁ ବାପୁଜୀ କି ଅମର କାହାନୀ, ବୈଷ୍ଣବ ଜନ ତୋ ତେନେ କହିୟେ ଯେପରି ଦେଶାତ୍ମବୋଧକ ସଙ୍ଗୀତଗୁଡ଼ିକର ସମ୍ଭାରରେ ପ୍ରକମ୍ପିତ ହୋଇ ଉଠୁଥିଲା ସୂଚନା ଭବନ ପରିସର। ଅବସର ଥିଲା ଗାନ୍ଧୀ ଭକ୍ତି ଓ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଜୟହିନ୍ଦ୍'ର। ସମ୍ଭାବନାର ସ୍ୱନକ୍ଷତ୍ର ଦିବସ ଓ ଅଗଷ୍ଟ ୯ କ୍ରାନ୍ତି ଦିବସ ଉପଲକ୍ଷେ ସମ୍ଭାବନା ପକ୍ଷରୁ କରାଯାଉଥିବା 'ଗାନ୍ଧୀଗାଥା ଉତ୍ସବ' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଥିବା ବେଳେ ଏହା ଆସନ୍ତା ଏକ ମାସ ଧରି ଚାଲିବ। ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସିପିଆଇର ଜାତୀୟ କାର୍ଯ୍ୟକାରୀ ସମିତି ସଭ୍ୟ ରାମକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଓ ସଭା ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସୌରଭ ନାୟକ, ଗୌତମ ଗିରି, ସୁଶାନ୍ତ ପଣ୍ଡା, ଛନ୍ଦା ମିଶ୍ର, ଅର୍ଣ୍ଣବ ପଣ୍ଡା, ସତ୍ୟ ସାର୍ଥକ ମହାପାତ୍ର, ଇପ୍‌ସିତା ମହାନ୍ତି, ରତିକା ରିମ୍ ଝିମ୍ ଓ ପୁଣ୍ୟତା ଦାଶ ପ୍ରମୁଖ ଏହି ଅବସରରେ ସଙ୍ଗୀତ ଗାନ କରିଥିଲେ।

■ ଜଟଣୀ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

# ପ୍ରଭାବଶାଳୀ ଲୋକଙ୍କ କବ୍‌ଜାରେ ସରକାରୀ ଜମି

■ ଶତାଧିକ ଏକର ଜମିରେ ନିର୍ମାଣ ହୋଇଛି ଅଟ୍ଟାଳିକା
■ ସରକାରଙ୍କ ଜମି ମିଶନ ଯୋଜନାରେ ପଟ୍ଟା ହାସଲ ପାଇଁ ଉଦ୍ୟମ

ଜଟଣୀ,୯।୮(ଡି.ଏନ.ଏ.)

ଜଟଣୀ ତହସିଲ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଷଣ୍ଢପୁର ମୌଜାର ପ୍ଲଟ ନଂ. ୫୮୫ ଓ ୬୧୬ରେ ଥିବା ୩୦ ଏକର ଜମି ଉପରେ ଜବରଦଖଲ କରି ଅନେକେ ଘର ଓ ପାଚେରି ନିର୍ମାଣ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ତହସିଲ ପକ୍ଷରୁ ଜେସିବି ଦ୍ୱାରା କେତେକ ଅର୍ଦ୍ଧନିର୍ମିତ ଘର ଓ ପାଚେରି ଉଚ୍ଛେଦ କରାଯାଇଥିଲା। ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଅତିରିକ୍ତ ତହସିଲଦାର ଦିଲୀପ କୁମାର ଷଡ଼ଙ୍ଗୀ, କର୍ମଚାରୀ ଓ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା। ଜଟଣୀ ତହସିଲ ଅନ୍ତର୍ଗତ ଅନେକ ମୌଜାରେ ଶହ ଶହ ଏକର ସରକାରୀ ଜମି ଜବରଦଖଲ ହୋଇଛି। ଏହା ଉପରେ ବଡ଼ ବଡ଼ ଅଟ୍ଟାଳିକା ଠିଆ ହୋଇଛି। ଭୂମିହୀନ ଗରିବ ଲୋକଙ୍କ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବା ବେଳେ ଅନେକ ପ୍ରଭାବଶାଳୀ, ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ବିଶେଷ ଓ କେତେକ ନେତାଙ୍କ କବ୍‌ଜାରେ ଏହି ସରକାରୀ ଜମି ରହିଛି। ଏହି ସବୁ ଜମି ଉପରେ ୨ରୁ ୩ ମହଲା ଅଟ୍ଟାଳିକାମାନ ଛିଡା ହୋଇଛି। ଅନେକ ସମ୍ପତ୍ତିର ମାଲିକ ଉପରୋକ୍ତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଏହି ସରକାରୀ ଜମି ଜବରଦଖଲ ହେବା ସହ ଏହାକୁ ବିକ୍ରୟ କରି ଲକ୍ଷାଧିକ ଟଙ୍କା ଲାଭବାନ୍ ହେଉଛନ୍ତି। ୧୦ ଟଙ୍କିଆ ଷ୍ଟାମ୍ପ ପେପରରେ ଏହି ସରକାରୀ ଜମିକୁ ଡିସିମିଲ ପିଛା ୧ ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରୟ ଚାଲିଛି। ବିଶେଷକରି ଏହି ତହସିଲର କୁସୁମାଟି ଛଣଘର, ଗୋପୀନାଥପୁର ଓ ଷଣ୍ଢପୁର ମୌଜାରେ ଥିବା ଶହ ଶହ ଏକର ସରକାରୀ ଜମି ଜବରଦଖଲ କରାଯାଇଛି। ଅନେକ ପ୍ରଭାବଶାଳୀ ଲୋକ ଏହି ସରକାରୀ ଜମି ଜବରଦଖଲ କରିବା ସହ ଘର ନିର୍ମାଣ କରି ସରକାରଙ୍କ ଜମି ମିଶନ ଯୋଜନାରେ ପଟ୍ଟା ହାସଲ ପାଇଁ ଉଦ୍ୟମ କରୁଛନ୍ତି। କେତେକ ଏଥିରେ ସଫଳ ହୋଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ଜମି ମିଶନ ଯୋଜନାରେ ପ୍ରକୃତ ହିତାଧିକାରୀ ଚିହ୍ନଟ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଏହାକୁ ଠିକ୍ ଅନୁଧ୍ୟାନ କରୁ ନ ଥିବା ଅଭିଯୋଗ ହୋଇଛି। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଜବରଦଖଲ ଉଚ୍ଛେଦକୁ ଜୋରଦାର କରିବାକୁ ଦାବି ହେଉଛି। ଷଣ୍ଢପୁର ଗ୍ରାମର ମା' କାଳିକା ୟୁଥ୍ କ୍ଲବର ସଦସ୍ୟ ରୋଶନ କୁମାର ଦାସ, ସୁଶାନ୍ତ କୁମାର ଦାସ, ଲକ୍ଷ୍ମୀକାନ୍ତ ରାଉତ କୁହନ୍ତି ତାଙ୍କ ଗ୍ରାମ ମୌଜାରେ ବହୁ ପରିମାଣରେ ଜବରଦଖଲ ହୋଇଛି। ତହସିଲ ପକ୍ଷରୁ ଶୁକ୍ରବାର ଅଳ୍ପ ଅର୍ଦ୍ଧନିର୍ମିତ ଘର ଓ ପାଚେରି ଉଚ୍ଛେଦ କରାଯାଇଛି। ଏହିପରି ଅନେକ ଜବରଦଖଲ ରହିଛି। ଏଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରିବାକୁ ସେମାନେ ଦାବି କରିଛନ୍ତି।



ଜଟଣୀ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଟ୍ରେନ୍‌ରେ ଡକାୟତି ଯୋଜନା କରୁଥିବା ୪ ଗିରଫ

**୧୫ ମୋବାଇଲ୍, ମାରଣାସ୍ତ୍ର ଜବତ**

ଜଟଣୀ,୯।୮(ଡି.ଏନ.ଏ.)

ଟ୍ରେନ୍‌ରେ ଡକାୟତି କରିବାକୁ ଯୋଜନା କରୁଥିବାବେଳେ ଖୋର୍ଦ୍ଧରୋଡ଼ ଆର୍‌ପିଏଫ୍‌ର ସ୍ପେଶାଲ ଟାସ୍କଫୋର୍ସ ଯବାନ ଓ ରେଲୱେ ପୋଲିସ(ଜିଆର୍‌ପି) ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ଜଟଣୀ ଥାନା ବାଲିଛକ ମୁଣ୍ଡିଆ ସାହିର ସାହିଲ ଅଲ୍ଲୀ, ସେକ୍ ଆବିଦ୍, ସ୍ଥାନୀୟ କୁଦିଆରୀ ବଜାର ଅଞ୍ଚଳର କୃଷ୍ଣ ସ୍ୱାଇଁ ଓ ଡେଲାଙ୍ଗ ଥାନା ବଙ୍ଗ ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ। ସେମାନଙ୍କଠାରୁ ୧୫ଟି ମୋବାଇଲ, ୨ଟି ଛୁରି, ଗୋଟିଏ ଖୁର, ଖେଳନା ବନ୍ଧୁକ ଓ ଲଙ୍କା ଗୁଣ୍ଡ ଜବତ କରାଯାଇଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍ ଥାନା ଇନ୍ସପେକ୍ଟର ବିଦ୍ୟାଧର ବାରିକ ଓ ଜିଆର୍‌ପି ଅଧିକାରୀ ସନ୍ତୋଷ କୁମାର ବାହିନୀପତି ସୂଚନା ଦେଇଛନ୍ତି। ଖୋର୍ଦ୍ଧାରୋଡ଼ ଷ୍ଟେଶନର ଦକ୍ଷିଣ ଦିଗ ଶେଷ ଆଡ଼କୁ ନିକାଞ୍ଚନ ମାଣିଆ ଛକ ନିକଟରେ କେତେଜଣ ଏକାଠି ହୋଇ ହାୱଡା-ପୁରୀ ଜଗନ୍ନାଥ ଏକ୍ସପ୍ରେସ୍ ଟ୍ରେନ୍‌ରେ ଡକାୟତି ଯୋଜନା କରୁଥିଲେ। ଏ ସଂକ୍ରାନ୍ତ, ଖବରପାଇ ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ଚଢାଉ କରାଯାଇ ଅଭିଯୁକ୍ତମାନଙ୍କୁ ଧରିଥିଲେ। ତେବେ ଜଣେ ଖସିଯିବାରେ ସକ୍ଷମ ହୋଇଥିଲେ। ବିଶେଷକରି ପ୍ଲାଟଫର୍ମରୁ ଛାଡ଼ିବା ଓ ପ୍ରବେଶ ସମୟରେ ଟ୍ରେନ୍‌ର ଗତି ମନ୍ଥର ଥିବା ସୁଯୋଗ ନେଇ ଝରକା କିମ୍ବା ଡୋର ପାଖରେ ମୋବାଇଲ ଧରି ଥିବା ଯାତ୍ରୀଙ୍କୁ ଅଭିଯୁକ୍ତମାନେ ହାତରେ ବା ପଥର ମାରୁଥିଲେ। ହଠାତ୍ ପଥର ମାଡ଼ରେ ଯାତ୍ରୀଙ୍କ ହାତରୁ ମୋବାଇଲ୍ ଖସିଯିବା ପରେ ଅଭିଯୁକ୍ତମାନେ ଏହାକୁ ଲୁଟି ନେଇ ପଳାଉଥିଲେ। ଏହାଛଡ଼ା ମାରଣାସ୍ତ୍ର ଦେଖାଇ ଓ ଶୋଇଥିବା ସମୟରେ ଯାତ୍ରୀଙ୍କଠାରୁ ଲୁଟ୍‌ପାଟ କରୁଥିଲେ । ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶାରେ ଏମାନେ ଅଭ୍ୟସ୍ତ ବୋଲି ପଚରାଉଚୁରା ସମୟରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ଜଣାପଡ଼ିଥିବା ଇନ୍ସପେକ୍ଟର ବିଦ୍ୟାଧର କହିଛନ୍ତି। ଏ ନେଇ ନଂ. ୮୯/୧୯ରେ ମାମଲା ରୁଜୁ ହୋଇଛି।



ଜବତ ବନ୍ଧୁକ, ମୋବାଇଲ, ଛୁରି ଓ ଅନ୍ୟ ସାମଗ୍ରୀ।

# ଧରାପଡ଼ିଲେ ଲୁଟେରା ଗ୍ୟାଙ୍ଗର ୪

**ଲିଫ୍ଟ ବାହାନାରେ ଲୁଟ୍**

କଟକ ଅଫିସ, ୯।୮

ମଧୁପାଟଣା ଥାନା ପୋଲିସ ଶୁକ୍ରବାର ଲିଙ୍କରୋଡ଼୍‌ରୁ ଏକ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ମାହାଙ୍ଗା ଥାନା ଅନ୍ତର୍ଗତ ରଘୁନାଥପୁରର ଶ୍ରୀକାନ୍ତ ସାମଲ ଓରଫ ରାହୁଲ(୩୪), ସାଲେପୁର ଥାନା ଅନ୍ତର୍ଗତ କେନ୍ଦୁପାଟଣା ଅଞ୍ଚଳର ରଞ୍ଜନ ମଲ୍ଲିକ(୩୦), ଫୋଗଲ ଅଞ୍ଚଳର ସେକ୍ ଅନୱାର(୨୦) ଓ ମିର୍ଜାପୁର ଅଞ୍ଚଳର ଅନିଲ କୁମାର ରାଉତ ଓରଫ ବାପୁନି(୨୪)। ରାହୁଲ ଏହି ଗ୍ୟାଙ୍ଗର ମୁଖ୍ୟ ଥିବା ପୋଲିସ କହିଛି।

ଅଭିଯୁକ୍ତମାନେ ଧଳା ରଙ୍ଗର ଏକ ସ୍ୱିଫ୍ଟ ଡିଜାୟାର(ଓଡି ୦୨ଜେଡ୍ ୧୪୮୮) କାରରେ ଆସି ବସ୍‌କୁ ଅପେକ୍ଷା କରିଥିବା ଲୋକଙ୍କୁ ଲିଫ୍ଟ ଦେଇଥାନ୍ତି। ଲୋକଙ୍କୁ ବିଶ୍ୱାସ ଜନ୍ମାଇବା ଲାଗି ଏମାନଙ୍କ ମଧ୍ୟରୁ ୨ଜଣ ବ୍ୟାଗ ଧରି ପାସେଞ୍ଜର ଭଳି ପଛ ସିଟ୍‌ରେ ବସିଥାନ୍ତି। କିଛି ବାଟ ଗଲା ପରେ ତାଙ୍କ ମଧ୍ୟରୁ ଜଣେ ପାନ ଖାଇବା ଆରମ୍ଭ କରିଥାଏ ଏବଂ ଛେପ ପକାଇବା ବାହାନାରେ ଲିଫ୍ଟରେ ଆସୁଥିବା ପାସେଞ୍ଜରଙ୍କୁ ଝରକା ପାଖ ସିଟ୍ ମାଗିଥାଏ। ଗାଡ଼ି କିଛିବାଟ ଗଲାପରେ ପଛରେ ବସିଥିବା ଗ୍ୟାଙ୍ଗର ୨ଜଣ ନିଛାଟିଆ ଜାଗା ଦେଖି ପାସେଞ୍ଜରଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ମୁହଁ ହାତ ବାନ୍ଧିଦିଅନ୍ତି। ଏହାପରେ ଟଙ୍କା, ଦାମୀ ଜିନିଷ, ଏଟିଏମ କାର୍ଡ ଲୁଟିଥାନ୍ତି। ପରେ ଏଟିଏମ୍ କାଉଣ୍ଟର ପାଖରେ ପହଞ୍ଚି ଜୋର ଜବରଦସ୍ତ ତାଙ୍କଠାରୁ ପିନ୍ ନେଇ ଟଙ୍କା ଉଠାଇ ନେଇଥାନ୍ତି।

ସୂଚନା ଅନୁଯାୟୀ, ଗତ ୨୨ ତାରିଖ ରାତିରେ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଶରତ ଚନ୍ଦ୍ର ପଣ୍ଡା ଘରକୁ ଫେରିବା ଲାଗି ଲିଙ୍କ୍‌ରୋଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ୪ ଜଣ କାର ନେଇ ସେମାନେ ସେଇପଟେ ଯାଉଛନ୍ତି କହି ଲିଫ୍ଟ ଦେଇଥିଲେ। ଚୌଦ୍ୱାର ପାର ହେବା ପରେ ଅଭିଯୁକ୍ତ ୪ଜଣ ଶରତଙ୍କ ହାତ ଓ ଆଖିକୁ ବାନ୍ଧି ଦେଇଥିଲେ। ଶରତଙ୍କୁ ଛୁରି ଓ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ଧମକାଇ ତାଙ୍କ ପାଖରୁ ୧୨,୫୦୦ ଟଙ୍କା, ଏକ ଲାପଟପ୍ ଓ ୨ଟି ଏଟିଏମ୍ କାର୍ଡ ଲୁଟି ନେଇଥିଲେ। ପରେ ଶରତଙ୍କୁ ଚୌଦ୍ୱାର ପାଖ ଜାତୀୟ ରାଜପଥରେ ଫୋପାଡ଼ି ପଳାଇ ଯାଇଥିଲେ। ଏ ନେଇ ଶରତ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଚୌଦ୍ୱାର ପୋଲିସ ମାମଲାର ତଦନ୍ତ ଲାଗି ମଧୁପାଟଣା ଥାନାକୁ ହସ୍ତାନ୍ତର କରିଥିଲା। ପୋଲିସ ତଦନ୍ତ କରି ଗାଡି ନମ୍ବର ଓ ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ କାର୍, ଗୋଟିଏ ଦେଶୀ ବନ୍ଧୁକ, ଖେଳନା ବନ୍ଧୁକ, ଛୁରି, ଦୌଡ଼ି, ୩ଟି ରୁମାଲ, ୪୨ଟି ଏଟିଏମ୍ କାର୍ଡ, ୨ଟି ପେନ୍ ଡ୍ରାଇଭ୍, ନଗଦ ୧୦ ହଜାର ଟଙ୍କା, ମେମୋରି କାର୍ଡ, ପାୱାର ବ୍ୟାଙ୍କ ଏବଂ ୩ଟି କାର୍ ନମ୍ବର ପ୍ଲେଟ୍ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଥିବା ପୋଲିସ କହିଛି। କିଛିଦିନ ହେବ ଲିଙ୍କ୍‌ରୋଡ ଅଞ୍ଚଳରେ ଏମାନେ ଏଭଳି ଯାତ୍ରୀଙ୍କୁ ଟାର୍ଗେଟ କରି ଲୁଟ୍ କରୁଥିବା ପୋଲିସ କହିଛି।




ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ, ଏଟିଏମ୍ କାର୍ଡ ଓ ଅନ୍ୟ ସାମଗ୍ରୀ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 | Postal Regd. No. BN/42/18-20. | ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୦/୨୦୧୯ | Bhubaneswar, Saturday, August 10/2019

# ୪ କରତକଳରେ ଚଢ଼ାଉ: ୨୫ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ



**ନିମାପଡ଼ା,୯।୮(ଡି.ଏନ୍.ଏ.)**

ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଫରେଷ୍ଟ ଉଇଙ୍ଗସ ଓ ପୁରୀ ବନ ବିଭାଗ ପକ୍ଷରୁ ଶୁକ୍ରବାର ନିମାପଡ଼ା ବ୍ଲକ ଅଧୀନସ୍ଥ ତୁଳସୀପୁର ଛକଠାରେ ବେଆଇନଭାବେ ଚାଲୁଥିବା ୪ଟି କରତକଳ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ପ୍ରାୟ ୨୫ଲକ୍ଷ ଟଙ୍କାର ବିଭିନ୍ନ କିସମର କାଠ, ପଟା ଓ ଯନ୍ତ୍ରାଂଶ ଜବତ କରାଯାଇଥିବା ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଫରେଷ୍ଟ ଉଇଙ୍ଗସର ସହକାରୀ ବନ ସଂରକ୍ଷକ ଅଧିକାରୀ ବିଷ୍ଣୁଚରଣ ବେହେରା କହିଛନ୍ତି। ବେଆଇନ ଭାବେ କରତକଳ ଚଳାଇବା ଅଭିଯୋଗରେ ନିମାପଡ଼ା ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ସୁବାସଚନ୍ଦ୍ର ସାହୁ, ପ୍ରକାଶ ସାହୁ, ଶ୍ୟାମସୁନ୍ଦର ସାହୁ, ମନୁଆ ସାହୁ ପ୍ରମୁଖ ମାଲିକଙ୍କ ବିରୋଧରେ ପୁରୀ ବନ ବିଭାଗ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଥିବା ପୁରୀ ସହକାରୀ ବନଖଣ୍ଡ ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଫରେଷ୍ଟ ଉଇଙ୍ଗସର ଏସିଏଫ ବିଷ୍ଣୁଚରଣ ବେହେରା, ପୁରୀ ସହକାରୀ ବନଖଣ୍ଡ ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର, ଅସ୍ତରଙ୍ଗ ବନଖଣ୍ଡ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର, କୋଣାର୍କ ବାଲୁଖଣ୍ଡ ବନଖଣ୍ଡ ଅଧିକାରୀ ସରୋଜ କୁମାର ମହାନ୍ତି, ବ୍ରହ୍ମଗିରି ବନଖଣ୍ଡ ଅଧିକାରୀ ରଜତ କୁମାର ମହାପାତ୍ର, ନିମାପଡ଼ା ପରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ଚାରିଛକ ଫାଣ୍ଡି ପୋଲିସଙ୍କ ସମେତ ବହୁ ବନ କର୍ମଚାରୀ ଏହି ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ତୁଳସୀପୁର ଛକଠାରେ ଥିବା ଅନ୍ୟ ୬ କରତକଳ ମାଲିକମାନେ କରତକଳ ଫାଟକରେ ତାଲା ପକାଇ ଫେରାର ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଲାଇସେନ୍ସ ନ ଥାଇ ବେଆଇନଭାବେ ନିମାପଡ଼ା, ଖେଲାର କଅଁରପୁର, ରଡବଜାର, ହରିପୁର ଆଦି ଅଞ୍ଚଳରେ ପ୍ରାୟ ୨୫ଟି କରତକଳ ଚାଲୁଥିବା ଜଣାପଡିଛି। ଏହି କରତକଳଗୁଡିକୁ ବନ୍ଦ କରିବା ସହ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ସୁଦୃଢ଼ ହେବ ପୁରୀ ଜିଲାର କ୍ରୀଡ଼ା ଭିତ୍ତିଭୂମି

- ଜିଲା ପ୍ରଶାସନ ସହ ମନ୍ତ୍ରୀଙ୍କ ଆଲୋଚନା
- ପ୍ରତିଷ୍ଠା ହେବ ଆଇଟି ପାର୍କ

**ଭୁବନେଶ୍ୱର,୯।୮(ବ୍ୟୁରୋ)/ପୁରୀ ଅଫିସ**

ବାତ୍ୟା 'ଫନୀ' ପରେ ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ କରାଯିବ। ସେହିପରି ଜିଲାରେ ଆଇଟି ପାର୍କ ପ୍ରତିଷ୍ଠା କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ବଲୱନ୍ତ ସିଂ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ମଧ୍ୟରେ ହୋଇଥିବା ବୈଠକରୁ ଏହା ଜଣାପଡ଼ିଛି।

ପୁରୀରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ, କୋଣାର୍କ ମିନି ଷ୍ଟାଡିୟମ୍, ଅସ୍ତରଙ୍ଗ ପିଡବ୍ଲୁଡି ଆଇବି ମରାମତି, କୋଣାର୍କ ଓ ଅସ୍ତରଙ୍ଗରେ ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ସଂକ୍ରାନ୍ତରେ ମନ୍ତ୍ରୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ସେହିପରି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍ଆଇ) ସହ କୋଣାର୍କର ଜମିଜମା ସମସ୍ୟା, ଏସ୍ଟିପିଆଇ (ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ)ର ସ୍ଥିତି, ଅସ୍ତରଙ୍ଗ ଚାରାରୋପଣ କାର୍ଯ୍ୟକ୍ରମ ଓ ଗ୍ରୀଡ୍ ସବ୍ଷ୍ଟେଶନ୍ ଏବଂ କାକଟପୁରରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ଡାକ୍ତରଖାନାର ସ୍ଥିତି ସମ୍ପର୍କରେ ମନ୍ତ୍ରୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ, ନିଜସ୍ୱ କୋଠାରେ ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ଏବଂ ପଞ୍ଚାୟତ ଆଲୋକୀକରଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଜିଲାପାଳଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୁରୀ ଉପଜିଲାପାଳ ଭବଚରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ସ୍ୱାଇଁ, ଏସ୍ଟିପିଆଇର ନିର୍ଦ୍ଦେଶକ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ,
ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### ୭ମ ଅର୍ଥନୈତିକ ଜନଗଣନା ପ୍ରଶିକ୍ଷଣ ଶିବିର

**ବଡ଼ମ୍ବା,୯।୮(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ସଭାଗୃହରେ ଶୁକ୍ରବାର ସପ୍ତମ ଅର୍ଥନୈତିକ ଜନଗଣନା ପ୍ରଶିକ୍ଷଣ ଶିବିର-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବଡ଼ମ୍ବା ମଣ୍ଡଳ ଉନ୍ନୟନ ଅଧିକାରୀ ସଦାନନ୍ଦ ସେଠୀ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ୍‌ର ୪୦ ଜନସେବା କେନ୍ଦ୍ର ସଂଯୋଜକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକଭାବେ କଟକ ଜିଲା ସଂଯୋଜକ ଜ୍ୟୋତିମୋହନ ଗଡ଼ନାୟକ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜନସେବା କେନ୍ଦ୍ର ବ୍ଲକ ସଂଯୋଜକ ଅଶୋକ କୁମାର ମହାପାତ୍ର, ସଞ୍ଜୟ କୁମାର ଶତପଥୀ ପରିଚାଳନା କରିଥିବାବେଳେ ରଶ୍ମିରଞ୍ଜନ ମହାନ୍ତି ଓ ପ୍ରିତୀରଞ୍ଜନ ରଥ ପ୍ରମୁଖ ସହଯୋଗ କରିଥିଲେ।

### ଗୋପାଳପୁରରେ ନୂତନ ମଧୁବାବୁ ଆଇନ ସହାୟକ ନିଯୁକ୍ତ



**ମାହାଙ୍ଗା,୯।୮(ସ୍ୱ.ପ୍ର.)**
ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତରେ ନୂତନ ମଧୁବାବୁ ଆଇନ ସହାୟକ ଭାବେ ଉପେନ୍ଦ୍ରନାଥ ସାମଲ ନିଯୁକ୍ତ ହୋଇଛନ୍ତି। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଗୁରୁବାର ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ପୂର୍ବରୁ ଏହି ପଞ୍ଚାୟତରେ ଥିବା ମଧୁବାବୁ ଆଇନ ସହାୟକ ନଗେନ୍ଦ୍ର ଗୁରୁଙ୍କ ସ୍ଥାନରେ ସାମଲ କାର୍ଯ୍ୟ କରିବେ। ଆଗାମୀ ଦିନରେ ପଞ୍ଚାୟତର ଜନସାଧାରଣଙ୍କୁ ସହଜରେ ଏବଂ ସୁବିଧାରେ ଆଇନ ସହାୟତା ପ୍ରଦାନ କରାଯିବା ଉପରେ ସାମଲ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି। ନିଯୁକ୍ତି ସୂଚନା ପାଇବା ପରେ ଯୁବନେତା ଅସିତ ସାମଲ ଓ ଆକାଶ ପ୍ରଧାନ ପ୍ରମୁଖ ସାମଲଙ୍କୁ ସ୍ୱାଗତ ଜଣାଇଛନ୍ତି।

### ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ

**ଆଠଗଡ଼,୯।୮(ସ୍ୱ.ପ୍ର.):** ଆଠଗଡ଼ ଗୋପବନ୍ଧୁ ଜୁନିୟର ମହିଳା ମହାବିଦ୍ୟାଳୟ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଶୁକ୍ରବାର ସ୍ୱାଗତ କରାଯାଇଛି। ଆୟୋଜିତ ସଭାରେ ଅଧକ୍ଷତା କରି ବରିଷ୍ଠ ଅଧାପିକା ଡ. ସ୍ନେହଲାତ ତ୍ରିପାଠୀ ଛାତ୍ରୀଙ୍କୁ ସ୍ୱାଗତର ତାତ୍ପର୍ଯ୍ୟ, ଶିକ୍ଷା ଅର୍ଜନର ଆବଶ୍ୟକତା ଏବଂ ଜଣେ ଭଲ ବିଦ୍ୟାର୍ଥୀର ଲକ୍ଷ୍ୟଣ ବିଷୟରେ କହିଥିଲେ। ଅଧାପିକା ରିନା ପଟ୍ଟନାୟକ, ପୁଷ୍ପମଞ୍ଜରୀ ଦାସ, ଗାୟତ୍ରୀ ଶତପଥୀ, ସ୍ମିତା ମହାପାତ୍ର ଏବଂ ପ୍ରମୋଦିନୀ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି କହିବା ସହ କଲେଜର ନୀତି ନିୟମ ସରକାରଙ୍କ ନୂତନ ଶିକ୍ଷାନୀତି ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଯୁକ୍ତ ୨ର ନବାଗତ ଛାତ୍ରୀଙ୍କ ମଧରୁ କେତେଜଣ ସେମାନଙ୍କ ସ୍ୱଳ୍ପ ଦିନର ଅନୁଭୂତି ବିଷୟରେ ଅବତାରଣା କରିଥିଲେ। ପ୍ରାରମ୍ଭରେ ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।

### ହୃଦ୍‌ଘାତରେ ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ଲଳିତଗିରି,୯।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ହରିହର ସାମଲ(୭୨)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଟକ ବଡ଼ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କୁ ଗ୍ରାମକୁ ଅଣାଯାଇଥିଲା। ହରିହର ଜଣେ ସାମାଜିକ କର୍ମୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ପରଲୋକ ଖବରପାଇ ଭାଜପା ଯୁବନେତା ସାରଦା ପ୍ରଧାନ, ଆଇନଜୀବୀ ଇଂ. ଆକାଶ ଭୂୟାଁ, ରାଜକିଶୋର ଜେନା, କୁଳମଣି ବରାଳ, ସରପଞ୍ଚ ଦେବାଶିଷ ସିଂହ, ରାମଚନ୍ଦ୍ର ବେହେରା, ଋଷିକୁମାର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

■ ଫନୀ କ୍ଷୟକ୍ଷତି ତଦନ୍ତରେ ଅନିୟମିତତା ଅଭିଯୋଗ

# ତହସିଲ ଅଫିସ ଆଗରେ କ୍ଷତିଗ୍ରସ୍ତଙ୍କ ଧାରଣା

**ମାହାଙ୍ଗା,୯।୮(ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଞ୍ଚାୟତ ବାଗସରପୁର ଗ୍ରାମରେ ବହୁ ଜନସାଧାରଣଙ୍କ କ୍ଷତି ଘଟିଥିଲା। ଏହାପରେ ତହସିଲ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ହେଲେ ଯେଉଁ ତାଲିକା ପ୍ରସ୍ତୁତ କରାଯାଇଛି ସେଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ କ୍ଷତିଗ୍ରସ୍ତ ତାଲିକାରୁ ବାଦ୍ ପଡ଼ିଥିବା ଲୋକେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଏହାର ପ୍ରତିବାଦ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, କ୍ଷୟକ୍ଷତି ତଦନ୍ତ କରିବାକୁ ଆସିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ତଦନ୍ତରେ ପାତରଅନ୍ତର କରିଛନ୍ତି। ଗ୍ରାମରେ ବହୁ ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଥିଲେ ମଧ ତାଲିକାରେ ଅନ୍ତର୍ଭୁକ୍ତ କରା ନ ଯାଇ କୋଠଘର ବାଲାଙ୍କୁ ତାଲିକାରେ ସାମିଲ କରାଯାଇଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଇ ବାଦ୍ ପଡିଥିବା କ୍ଷତିଗ୍ରସ୍ତଙ୍କୁ ପୁଣି ଥିରେ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯାଉ। ଗ୍ରାମର ସୁବାସ ମହାନ୍ତି, ଅଖିଳ ସାହୁ, ସତ୍ୟଭାମା ସାହୁ, ବୃନ୍ଦାବନ ସାହୁ, ବାସୁଦେବ ସେନାପତି, ଭାଗ୍ୟଧର ବେହୁରା, ଶରତ ସାମଲ, କେଶବ ପାତ୍ର, ପାର୍ବତୀ ସେନାପତି, ସସ୍ମିତା ସେନାପତି, ଶ୍ରୀକାନ୍ତ ସେନାପତି, କେଶବ ବିଶ୍ୱାଳ ପ୍ରମୁଖ ଧାରଣାରେ ବସିବା ସହ ପ୍ରତିବାଦ କରିଥିଲେ। ପରେ ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କଠାରୁ ଏକ ଦାବିପତ୍ର ଗ୍ରହଣ କରିବା ସହ ଏହାର ପୁନଃବିଚାର କରାଯିବ ବୋଲି କହିଥିଲେ। ଏହାପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଥିଲେ।



ତହସିଲ ଅଫିସ ଆଗରେ ଧାରଣା ଦେଇଥିବା ଫନୀ କ୍ଷତିଗ୍ରସ୍ତ।

## ୨୫୪ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ସାଲେପୁର, ୯।୮(ଡି.ଏନ୍.ଏ.)**
ସାଲେପୁର ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତର ୨୫୪ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଆକାଉଣ୍ଟସ୍ ଅଧିକାରୀ ମନୋରଞ୍ଜନ ବର୍ଦ୍ଧନ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ଉପରେ ଲୋକ ପ୍ରତିନିଧି ଓ ପ୍ରଶାସନ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାଲେପୁର ବିଡ଼ିଓ କିଶୋର କୁମାର ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷା ମମତା ରାଉତ, ଜିଲାପରିଷଦ ସଭ୍ୟ ଅଶୋକ କୁମାର ଭୂୟାଁ, ଚିତ୍ତରଞ୍ଜନ ମହାନ୍ତି, ଶୁଭାଶିଷ୍ ପ୍ରଧାନ, ପଞ୍ଚାୟତ ସମିତି ଉପାଧକ୍ଷ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଶରତ ଚନ୍ଦ୍ର ବେହେରା, ରମାକାନ୍ତ ମହାରଣାଙ୍କ ସମେତ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା

**ବଡ଼ମ୍ବା,୯।୮(ଡି.ଏନ.ଏ.)**

ସ୍ୱାଧୀନତା ଦିବସ ପାଳନ ଅବସରରେ ବଡ଼ମ୍ବା ବ୍ଲକ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହିକ୍ରମରେ ଗୁରୁବାର ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ପାଳନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାକୁ ବଡ଼ମ୍ବା ବିକାଶ ପରିଷଦ ପରିଚାଳନା କରିଥିଲା। ସଙ୍ଗୀତ ପ୍ରତିଯୋଗିତାକୁ ସ୍ୱାଧୀନତା ଦିବସ ପାଳନ କମିଟି ପରିଚାଳନା କରିଥିଲା। ବିଚାରକଭାବେ ବଡ଼ମ୍ବା ଓକିଲ ସଂଘର ୬ଜଣ ସଦସ୍ୟ ଯୋଗ ଦେଇଥିଲେ। ପାଳନ କମିଟି ସଦସ୍ୟ ଶିକ୍ଷକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ତହସିଲ୍ କର୍ମଚାରୀ ଅଭୟ ସାହୁ ସହଯୋଗ କରିଥିଲେ।

## କାର୍ଯ୍ୟରେ ଯୋଗଦେଲା ଓକିଲ ସଂଘ

**ବଡ଼ମ୍ବା,୯।୮(ଡି.ଏନ.ଏ.)**

୪ ଦଫା ଦାବି ନେଇ ବଡ଼ମ୍ବା ଓକିଲ ସଂଘ ଚଳାଇଥିବା ଆନ୍ଦୋଳନ ବନ୍ଦ ହେବାପରେ ଶୁକ୍ରବାରଠାରୁ ସଂଘ କର୍ମକର୍ତ୍ତା କର୍ଯ୍ୟରେ ଯୋଗ ଦେଇଛନ୍ତି। ଫଳରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ, ବଡ଼ମ୍ବାରେ ସବ୍ ଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ସହିତ ବଡ଼ମ୍ବା ଉପକାରାଗାର ବନ୍ଦ କରାଯିବା ପ୍ରସ୍ତାବକୁ ବିରୋଧ କରି ସଂଘ କର୍ମକର୍ତ୍ତା କୋର୍ଟରେ ତାଲାପକାଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ କୋର୍ଟକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରେ ବିଭିନ୍ନ ଦଳର ନେତୃମଣ୍ଡଳୀଙ୍କୁ ନେଇ ଏକ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିବାବେଳେ ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଓ ପୂର୍ବତନ ବିଧାୟକ ସମୀର ରାଉତରାୟଙ୍କୁ ଉପଦେଷ୍ଟା ରଖାଯାଇଥିଲା। ବିଧାୟକ ମିଶ୍ରଙ୍କ ନେତୃତ୍ୱରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଗୃହସଚିବ, ଆଇନ ସଚିବ, ଆଇନମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଉପରୋକ୍ତ ଦାବି ଉପରେ ଆଲୋଚନା କରିଥିଲେ। ଏହାପରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଓ ହାଇକୋର୍ଟଙ୍କ ମଧରେ ପତ୍ର ବିନିମୟ ହୋଇଥିବା କ୍ରିୟାନୁଷ୍ଠାନ କମିଟିକୁ ସୂଚନା ପ୍ରଦାନ କରାଯିବାପରେ ସୋମବାର କୋର୍ଟରୁ ତାଲା ଖୋଲା ଯାଇଥିଲା।

## ବାଙ୍କୀରେ ଗୋପଦ ଅଭିଯାନ

**ବାଙ୍କୀ,୯।୮(ସ୍ୱ.ପ୍ର.)**

କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ବ୍ଲକରେ ଗୋପଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଶବର ସାହିରେ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ଗ୍ରାମ ରୋଜଗାର ସେବକ ପ୍ରଦୋଷ କୁମାର ପ୍ରଧାନ, ସରପଞ୍ଚ ସଞ୍ଜୟ କୁମାର ସାହୁ, ରାଜସ୍ୱ ନିରୀକ୍ଷଣ କାର୍ଯ୍ୟାଳୟର ଅମିନ ବିଜୟ କୁମାର ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ଅନ୍ତର୍ଯାମୀ ବିଶ୍ୱାଳ ପ୍ରମୁଖ ବୁଲି ଲୋକଙ୍କଠାରୁ ୨୧ ଅଭିଯୋଗ ଗ୍ରହଣ କରିଥିଲେ। ଏହି ଅଭିଯୋଗଗୁଡିକ ମଧରେ ଅନ୍ୟ ଅଭିଯୋଗଗୁଡ଼ିକ ମଧରେ ଡ୍ରେନେଜ୍, ପାଇଖାନା, ରାଶନକାର୍ଡ ଓ ପାନୀୟ ଜଳ ସମସ୍ୟା ଆଦି ଅନ୍ତର୍ଭୁକ୍ତ ଥିଲା।



ଆସୁଛି ଖୁଦରକୁଣୀ ଓଷା: ମାହାଙ୍ଗା ଅଞ୍ଚଳରେ ଜଣେ ବ୍ୟବସାୟୀ ଗାଁ ବୁଲି ଭାଲୁକୁଣି ମୂର୍ତ୍ତି ବିକ୍ରି କରୁଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଦିବସ



ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବାଙ୍କୀ,୯।୮(ସ୍ୱ.ପ୍ର.)**

ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୧ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଓଡ଼ିଶାର ମାତୃଭକ୍ତ କୈବଲ୍ୟ ଚରଣ ଜେନା ଯୋଗଦେଇ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରଅରବିନ୍ଦଙ୍କ ସାଧନା ପୀଠରେ ଛାତ୍ରୀଛାତ୍ର ଫୁଲଧୂପ ପ୍ରଦାନ କରିବା ପରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନ ସଭାପତି ନବକିଶୋର ରାଉତ, ସମ୍ପାଦକ ଦାମୋଦର ରାଜ, ମାତୃଭକ୍ତ ଶିକ୍ଷାବିତ୍ ଅଖିଳ ବୀରବର ହରିଚନ୍ଦନ, ରମାକାନ୍ତ ମହାପାତ୍ର, କନକ ଲତା ରାଜ, କବି କୌଶିକ ନାୟକ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅଧକ୍ଷ ସତ୍ୟନାରାୟଣ ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଚନ୍ଦନ ସୁବୁଦ୍ଧି, ଖେଳ ଶିକ୍ଷକ ଅଶୋକ ରାଜ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଦାଶ ନୃତ୍ୟଗୀତ ପରିଚାଳନା କରିଥିଲେ। ଶିକ୍ଷାକେନ୍ଦ୍ରର ୪୨ ଶିକ୍ଷୟିତ୍ରୀଶିକ୍ଷକ, ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସେସୁ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

**ଆଠଗଡ଼,୯।୮(ସ୍ୱ.ପ୍ର.)**
ଆଠଗଡ଼ ସେସୁ କର୍ମଚାରୀ ସନ୍ତୋଷ ପ୍ରଧାନଙ୍କୁ ମାଡ଼ ମରାଯିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ଶୁକ୍ରବାର ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ-୧୮୩/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଥାନା ଅନ୍ତର୍ଗତ ବଡ଼ଭୂଇଁ ଦଳ ଗ୍ରାମରେ ଏକ ଟ୍ରାନ୍ସଫର୍ମର କିଛି ଦିନ ହେବ ଅଚଳ ହୋଇଥିଲା। ସେସୁ ଲାଇନମ୍ୟାନ ସନ୍ତୋଷ ପ୍ରଧାନ କନିଷ୍ଠ ପରିଚାଳକଙ୍କ ନିର୍ଦ୍ଦେଶମତେ ସେଠାକୁ ମରାମତି କରିବାକୁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର କିଶୋର ମହାପାତ୍ର ଆସି ତାଙ୍କୁ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସନ୍ତୋଷ ପ୍ରତିବାଦ କରିବାରୁ କିଶୋର ତାଙ୍କ ସାର୍ଟକାଲର ଧରି ମାଡ ମାରିଥିଲେ। ଏ ସମ୍ପର୍କରେ ସନ୍ତୋଷ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ପରେ ସେସୁ କନିଷ୍ଠ ପରିଚାଳକ ଚିଠି ଲେଖି ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ। ସନ୍ତୋଷ ମଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସେସୁ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ଆଠଗଡ଼ ଭାଜପା ପକ୍ଷରୁ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

**ଆଠଗଡ଼,୯।୮(ସ୍ୱ.ପ୍ର.)**

ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଆଠଗଡ଼ ଭାଜପା ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଏନେଇ ଦଳ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଠଗଡ଼ ଗାନ୍ଧୀମାର୍ଗସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଥିଲା। ବରିଷ୍ଠ ନେତା ବ୍ରଜେନ୍ଦ୍ର କୁମାର ରାୟ ଏଥିରେ ଅଧକ୍ଷତା କରିଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିକ୍ରମ କେଶରୀ ଦାଶ, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ସୁଷମାଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଜଗଦାନନ୍ଦ ତ୍ରିପାଠୀ, ବିଚାତ୍ରାନନ୍ଦ ଜେନା, ପ୍ରମୋଦ ରାୟ, ନିର୍ମଳ କୁମାର, ସ୍ୱାଗତା ପଟ୍ଟନାୟକ, ଲମ୍ବୋଦର ନାୟକ, ପ୍ରକାଶ କୁମାର ସେଠୀ ଓ ମୀନତି ସାହୁଙ୍କ ସମେତ ବହୁ ନେତା ସୁଷମାଙ୍କ ବହୁମୁଖୀ ପ୍ରତିଭା ଓ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସଙ୍ଗେସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟାଳୟ ପରିସରରେ ସୁଷମାଙ୍କ ଫଟୋଚିତ୍ରରେ ସାମୂହିକ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ଭାଜପା ନେତା ଓ କର୍ମୀମାନେ ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଯୁକ୍ତ ୨ କଳା ଛାତ୍ରୀଛାତ୍ରଙ୍କୁ ମିଳୁନି ମୌଳିକ ସୁବିଧା

**ବାଙ୍କୀ,୯।୮(ସ୍ୱ.ପ୍ର.)**

ବାଙ୍କୀ କନିଷ୍ଠ କଲେଜ ଯୁକ୍ତ ୨କଳା ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷରେ ୭ଶହରୁ ଊର୍ଦ୍ଧ୍ୱ ଛତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ସେମାନଙ୍କୁ ମୌଳିକ ସୁବିଧା ମିଳି ପାରୁନାହିଁ। କଲେଜର ପୁରୁଣା ଆଜବେଷ୍ଟ ଘରେ ବସାଯାଉଛି। ସେହିପରି ବିଦ୍ୟୁତ୍ ସଂଯୋଗ ମଧ ନାହିଁ। ଆଜବେଷ୍ଟ ଘର ସିଲିଂ ନଷ୍ଟ ହୋଇଯାଇଥିବାରୁ ତା'ଭିତରେ ପାରା ବାସ କରୁଛନ୍ତି। ପାରା ମଳତ୍ୟାଗ କରିବା ଫଳରେ ଛତ୍ରୀଛାତ୍ର ବସୁଥବା ଡେସ୍କ ଗୁଡିକ ଅପରିଷ୍କାର ହେଉଛି। ପାଣି କିମ୍ବା ଶୌଚାଳୟ ନ ଥିବାରୁ ଛତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଶ୍ରେଣୀଗୃହରେ ଝରକା ଗୁଡିକ ଭାଙ୍ଗି ଯାଇଛି। ଯୁକ୍ତ ଦୁଇ କଲେଜ ଅଧକ୍ଷ କାର୍ଯ୍ୟାଳୟ ସେଠାରେ ଖୋଲାଯାଇ ନ ଥିବାରୁ ଛତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। କନିଷ୍ଠ କଲେଜର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛତ୍ରୀଛାତ୍ରଙ୍କ ନୂଆ ଘରେ ବସିବାକୁ ଦିଆଯାଇ ସମସ୍ତ ସୁବିଧା ଦିଆଯାଇଛି। ହେଲେ କଳାବିଭାଗ ଛାତ୍ରୀଛାତ୍ରଙ୍କ ପ୍ରତି କାହିଁକି ପାନ୍ତର ଅନ୍ତର କରାଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଏ ସମସ୍ତ ସମସ୍ୟା ସମାଧାନ କରା ନ ଗଲେ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷ ରାଜକିଶୋର ପାଲଙ୍କୁ ପଚାରିବାରେ ସେ କହିଥିଲେ, ଖୁବ୍‌ଶୀଘ୍ର ସବୁ ସମସ୍ୟା ସମାଧନ କରାଯିବ।

■ ପାଟନାଳୀ ଓ କାଡ଼ାନାଳୀ ଜଳ ନିଷ୍କାସନ ପଥ ଅବରୋଧ

# ବୁଡ଼ିରହିଛି ଶହ ଶହ ଏକର ଚାଷଜମି

**ମାହାଙ୍ଗା,୯।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଞ୍ଚଳରେ ଅନେକ ପାଟନାଳୀ ଓ କାଡ଼ା ନାଳୀଗୁଡ଼ିକର ଜଳ ନିଷ୍କାସନ ପଥ ଦୀର୍ଘ ଦିନହେବ ସଫେଇ ହୋଇନାହିଁ। ଏଥିଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ଏବେ ଲଗାଣ ବର୍ଷା ହୋଇଥିବାରୁ ଶହଶହ ଏକର ଚାଷ ଜମି ପାଣିରେ ବୁଡ଼ିରହିଛି। ବିଶେଷ କରି ଚାହାପଡ଼ା ପଞ୍ଚାୟତ ଭଁରାଜ ପାଟ ଏବଂ ଜଳେଶ୍ୱରପୁର ପଞ୍ଚାୟତ କାହ୍ନପୁର ପାଟ, ଶ୍ରୀକୃଷ୍ଣପୁର ପଞ୍ଚାୟତ ପଶୁଲୁଣ୍ଡା ପାଟଗୁଡିକ ଅଧିକ ପ୍ରଭାବିତ ହୋଇଛି। ୩ଦିନ ହେବ ଧାନ ତଳି ଘେରା ଓ ନୂଆ କରି ପୋତା ଯାଇଥିବା ଧାନଗଛଗୁଡିକ ବୁଡ଼ି ରହିଥିବାରୁ କ୍ଷତି ହେବା ଆଶଙ୍କା ସୃଷ୍ଟି ହୋଇଛି। ପାଟ ଜମି ଗୁଡିକର ଜଳ ନିଷ୍କାସନ ପଥ ଅନେକ ସ୍ଥାନରେ ଅବରୋଧ ହେବା ସହ କେତେ ଗୁଡ଼ିଏ କାଡ଼ାନାଳୀ ଦୀର୍ଘ ବର୍ଷ ହେବ ସଫେଇ ଅଭାବରୁ ତାହା ପୋତି ହୋଇ ପଡ଼ିଛି। ଫଳରେ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରୁନାହିଁ। ଯାହାଫଳରେ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ତେଣୁ ଏହି ଚାଷ ଜମିଗୁଡିକର ଜଳ ନିଷ୍କାସନ ପଥ ତୁରନ୍ତ ଖନନ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି। ଏହି ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଚେତାବନୀ ଦିଆଯାଇଛି।



ବର୍ଷା ଜଳ ପ୍ରଭାବରେ ବୁଡ଼ି ରହିଥିବା ଚାଷ ଜମି।



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### ସଂସ୍କୃତ ସପ୍ତାହ ଉତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୯।୮:** ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ସଂସ୍କୃତ ସପ୍ତାହ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି ଉତ୍ସବରେ ବକ୍ତୃତା, ଶ୍ଳୋକ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧକ୍ଷା ନମିତା ମହାନ୍ତି ଅଧକ୍ଷତା କରି କହିଥିଲେ, ସଂସ୍କୃତ ଭାଷା ଏକ ସର୍ବପୁରାତନ ଭାଷା। ଏହା ପ୍ରତି ଗଭୀର ଶ୍ରଦ୍ଧା ଓ ଅନୁରକ୍ତି ଭାବ ରହିଲେ ହିଁ ଏହା ଏକ ଆନ୍ତର୍ଜାତିକ ଭାଷାର ମାନ୍ୟତା ପାଇପାରିବ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କଲା ଓଲସା

**କଟକ ଅଫିସ,୯।୮:** ଜଣେ ମାନସିକ ବିକାରଗ୍ରସ୍ତ ରୋଗୀଙ୍କୁ ଉଦ୍ଧାର କରିଛି ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ ଆସୋସିଏଶନ (ଓଲସା)। ଜଗତପୁର ଆଇବି ରୋଡରେ ଏହି ବ୍ୟକ୍ତି ଜଣଙ୍କ ବୁଲୁଥିଲେ। ଗୋଟିଏ ଗାଡ଼ି ସମ୍ମୁଖକୁ ସମ୍ପୃକ୍ତ ବ୍ୟକ୍ତି ଆସିଥିଲେ ମଧ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହି ସମୟରେ ଓଲ୍‌ସାର ସଭାପତି ଆଇନଜୀବୀ ବିପିନ ଚୌଧୁରୀ, ବିରଞ୍ଚି ନାରାୟଣ ସାମଲ, ପ୍ରତାପ କିଶୋର ପଣ୍ଡା, ଅଞ୍ଜନ ନାୟକ, କାହ୍ନୁଚରଣ ବେହେରା ପ୍ରମୁଖ ଏହି ବ୍ୟକ୍ତିଙ୍କୁ ଉଦ୍ଧାର କରି ଅଟୋରେ କଟକ ବଡ଼ ମେଡ଼ିକାଲକୁ ନେଇ ମାନସିକ ବିକାର ବିଭାଗରେ ଭର୍ତ୍ତି କରିଥିଲେ। ଏହି ବ୍ୟକ୍ତି ଏବେ ସୁସ୍ଥ ହୋଇଥିଲେ ମଧ ସେ ତାଙ୍କ ଘର ସମ୍ପର୍କରେ ସୂଚନା ଦେଇ ପାରୁ ନ ଥିବା ଓଲ୍‌ସା ସଭାପତି ଚୌଧୁରୀ କହିଛନ୍ତି।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

**ଚୌଦ୍ୱାର,୯।୮(ଡି.ଏନ୍.ଏ.):** ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ ସପ୍ତାହ ଧରି ଚାଲିଥିବା ବିଶ୍ୱ ସ୍ତନ୍ୟପାନ ଦିବସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକର ବାଣୀପଦା, ମହିଷାଲଣ୍ଡା, ମଙ୍ଗରାଜପୁର ଓ ବ୍ରହ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମେଡିକାଲ ମୁଖ୍ୟ ଡା. ଜ୍ୟୋତିପ୍ରକାଶ ସାହୁ ଓ ମିଶନ ଶକ୍ତିର ବ୍ଲକ କୋଅର୍ଡିନେଟର ଦିବ୍ୟରଞ୍ଜନ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଇମ୍ପାର ସିନିୟର ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ, ଚନ୍ଦ୍ରଶେଖର ମହାପାତ୍ର, ଜ୍ଞାନରଞ୍ଜନ ବେହେରା ଓ ଶୁଭଶ୍ରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ଫୁଲନଖରା,୯।୮(ଡି.ଏନ୍.ଏ.):** କଟକ ସଦର ବ୍ଲକ ଆମଣ ପଞ୍ଚାୟତରେ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର(ବିପିଏମ୍) ମୋନାଲି ପ୍ରିୟଦର୍ଶିନୀ ଆମଣ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି ଏହି ଯୋଜନାରେ କେଉଁମାନେ ସାମିଲ ହୋଇପାରିବେ ସେ ନେଇ ଚିହ୍ନଟ କରୁଛନ୍ତି।

# ସିଏମ୍‌ସି: ଡ୍ରେନେଜରେ ନାହିଁ ସ୍ଲାବ ବ୍ୟବସ୍ଥା

କଟକ ଅଫିସ, ୯।୮



ଏଲ୍‌ଆଇସି କଲୋନୀରେ ମୁକୁଳା ପଡ଼ିଥିବା ଡ୍ରେନ୍।



ଏଲ୍‌ଆଇସି କଲୋନୀ ସରକାରୀ ବିଦ୍ୟାଳୟ ନିକଟ ରାସ୍ତାରେ ଡ୍ରେନ ପାଣି।

- ରାସ୍ତାରେ ଭାସୁଛି ଉଦ୍‌ବୃତ୍ତ ଜଳ
- ବର୍ଷା ହେଲେ ଡ୍ରେନେଜ ଓ ରାସ୍ତା ଏକାକାର
- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଡ୍ରେନେଜଗୁଡ଼ିକ ଠିକ୍ ଭାବେ ସଫା କରା ନ ଯିବାରୁ ବର୍ଷା ହେଲେ ଜଳ ନିଷ୍କାସନରେ ସମସ୍ୟା ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିଏମ୍‌ସିର ବିଭିନ୍ନ ୱାର୍ଡରେ ଥିବା ଡ୍ରେନ୍ ଉପରେ ସ୍ଲାବ ନାହିଁ। ଫଳରେ ଉଦ୍‌ବୃତ୍ତ ବର୍ଷାପାଣି ରାସ୍ତାରେ ଲହଡ଼ି ମାରୁଛି। ପରିସ୍ଥିତି ଏପରି ହେଉଛି ଯେ ସହରର ବିଭିନ୍ନ ୱାର୍ଡରେ ପାଣି ଜମି ରହି ଡ୍ରେନେଜ ଏବଂ ରାସ୍ତାଘାଟ ଏକ ହୋଇଯାଉଛି। କିଛିଦିନ ତଳେ ଭୁବନେଶ୍ୱରର ଏକ ବସ୍ତି ନିକଟରେ ମୁକୁଳା ଅବସ୍ଥାରେ ଥିବା ଡ୍ରେନ୍‌ରେ ଭାସିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଏପରିସ୍ଥଳରେ କଟକର ଅନେକ ଡ୍ରେନ୍ ଉପରେ ସ୍ଲାବ ବ୍ୟବସ୍ଥା ନ ଥିଲେ ମଧ ଏଥିପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଫଳରେ ଆଗାମୀ ଦିନରେ ଭୁବନେଶ୍ୱର ଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ତାହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

କଟକ ସହରରେ ଅସରାଏ ବର୍ଷା ହେଲେ ସ୍ଥିତି ବେହାଲ ହୋଇପଡୁଛି। କାରଣ ବର୍ଷାଜଳ ନିଷ୍କାସନରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି ଡ୍ରେନେଜ। ବିଭିନ୍ନ ଡ୍ରେନେଜରୁ ଠିକ୍‌ଭାବେ ଆବର୍ଜନା ସଫା କରାଯାଉ ନ ଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ବର୍ଷାଜଳ ରାସ୍ତାରେ ଲହଡ଼ି ମାରିବା ସାଙ୍ଗକୁ ଅଧିକାଂଶ ଲୋକଙ୍କ ଘରେ ବର୍ଷାଜଳ ପଶୁଛି। ଏପରିସ୍ଥଳରେ ସହର ମଧ ଦେଇ ଦୁଇଟି ମୁଖ୍ୟ ଡ୍ରେନ ଯାଇଥିଲେ ମଧ ବର୍ଷାହେଲେ ଏଠାରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। କେତେକ ଡ୍ରେନରେ ସାଇଡ୍ ୱାଲ୍ ଥିବାବେଳେ ଆଉ କେତେକ ସ୍ଥାନରେ ଏହା ଭାଙ୍ଗିଯାଇଛି। ବର୍ଷା ଛାଡ଼ିଲେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବା ପାଇଁ ବାହାରକୁ ଯିବା ସମୟରେ ଡ୍ରେନେଜ ଏବଂ ରାସ୍ତା ଜଣାପଡୁନାହିଁ। ଫଳରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି।

ସହରର ବିଭିନ୍ନ ସ୍କୁଲ ପରିସରରେ ଥିବା ଡ୍ରେନ୍‌ରେ ସ୍ଲାବ ପକାଯାଇ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ସହରର ଚାଉଳିଆଗଞ୍ଜ, ଏଲଆଇସି କଲୋନୀ, ଫ୍ରେଣ୍ଡ୍‌ସ କଲୋନୀ, ମଙ୍ଗଳାବାଗ, ଝୋଲାସାହି, କେଶରପୁର, ମେରିଆ ବଜାର, ଚୌଧୁରୀ ବଜାର, ରାଣୀହାଟ, ଝାଞ୍ଜିରିମଙ୍ଗଳା, ପୀଠାପୁର, ହରିପୁର, ରାଉସାପାଟଣା, ନୂଆ ରାଉସପାଟଣା, ଓଡ଼ିଆ ବଜାର ସମେତ ସହରର ବିଭିନ୍ନ ସ୍ଥାନରେ ଡ୍ରେନେଜ ଉପର ଦେଇ ପାଣି ଯାତାୟାତ କରୁଛି। ଏହିସବୁ ଅଞ୍ଚଳ ସମେତ ବିଭିନ୍ନ ୱାର୍ଡରେ ଥିବା ଡ୍ରେନ୍ ଉପରେ ସ୍ଲାବ ନ ଥିବା ଦେଖିବାକୁ ମିଳିଛି। ଫଳରେ ଛୋଟପିଲାମାନେ ସ୍କୁଲ ଯିବା କିମ୍ବା ଖେଳକୁଦ କରିବା ସମୟରେ ଡ୍ରେନ୍ ଭିତରେ ପଡ଼ି ଆହତ ହେଉଥିବା ଆଇନଜୀବୀ ସୁରେଶ ପଣ୍ଡା କହିଛନ୍ତି। ଏ ନେଇ ପୂର୍ବରୁ ବାରମ୍ବାର ସିଏମ୍‌ସିକୁ ଅବଗତ କରାଯାଇଥିଲେ ମଧ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେ କହିଛନ୍ତି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ସହରର ମୁଖ୍ୟ ଡ୍ରେନ୍‌ଗୁଡ଼ିକରେ ଜାଇକା ପକ୍ଷରୁ ଟିଣ ୱାଲ୍ ଦେଇ ଘୋଡ଼ାଇ ଦିଆଯାଇଛି। ଆବଶ୍ୟକ ଥିବା ଡ୍ରେନେଜ୍‌ଗୁଡ଼ିକ ଉପରେ ସ୍ଲାବ ପଡ଼ିଛି। ଯଦି କୌଣସି ସ୍ଥାନରେ ସ୍ଲାବ ପଡ଼ି ନ ଥିବା ଖବର ଆସେ ତାହା ହେଲେ ସିଏମ୍‌ସି ପକ୍ଷରୁ ଏ ନେଇ ବ୍ୟବସ୍ଥା କରାଯିବ।





କଟକ ବଙ୍ଗାଳୀସାହିସ୍ଥିତ ରାମକ୍ରିଷ୍ଣ କୁଟିର, ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କ ମିଳିତ ଉଦ୍ୟମରେ ଶୁକ୍ରବାର ପଲିଥିନ୍ ବ୍ୟାଗ ବର୍ଜନ ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

କଟକ ଅଫିସ, ୯।୮

ଏସ୍‌ୟୁସିଆଇ ଏବଂ ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ ଶୁକ୍ରବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। କଲେଜ ଛକଠାରେ ଶହୀଦ ବେଦୀ ସ୍ଥାପନ କରାଯାଇ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦେଶୀ ଶାସନରୁ ଦେଶକୁ ମୁକ୍ତ କରିବା ପାଇଁ ଶହୀଦମାନଙ୍କର ଆତ୍ମବଳୀଦାନ ସମ୍ପର୍କରେ ସଭାରେ ବକ୍ତାମାନେ କହିଥିଲେ। ଶହୀଦମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ବଢୁଥିବା ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଏସ୍‌ୟୁସିଆଇ ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ରାଜ କିଶୋର ମଲ୍ଲିକ, ବବିବଳବନ୍ତରାୟ, ସସ୍ମିତା ମହାନ୍ତି, ପାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ଡିଏସ୍‌ଓ ଜିଲା ଉପସଭାପତି ତରୁଣସେନ ନାୟକ, ଇସା ଧର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରନେତା ସରୋଜ ମାନସିଂହ, ଆରତୀ ମେହେର ପ୍ରମୁଖ ଶହୀଦଙ୍କ ବେଦୀରେ ମାଲ୍ୟାର୍ପଣ କରିଥିଲେ।





କଟକ ଶାରଳାଭବନରେ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

# ସିପିଆଇ ନେତାଙ୍କୁ ବିମାନ ବନ୍ଦରରେ ଅଟକ ଘଟଣାକୁ ନିନ୍ଦା

କଟକ ଅଫିସ, ୯।୮

ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜାଙ୍କୁ ଶ୍ରୀନଗର ବିମାନ ବନ୍ଦରରେ ଅଟକ ଘଟଣାକୁ ସିପିଆଇ(ଏମ୍) କଟକ ଜିଲା କମିଟି ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଶୁକ୍ରବାର ସୀତାରାମ ୟେଚୁରୀ ଏବଂ ଡି. ରାଜା ଜମ୍ମୁ-କଶ୍ମୀର ବିଧାନସଭାର ବିଧାୟକ ମହମ୍ମଦ ୟୁସୁଫ୍ ତାରିଗାମୀଙ୍କୁ ଭେଟିବା ପାଇଁ ଯାଉଥିଲେ। ତାରିଗାମୀଙ୍କୁ ଗତ ୩ ତାରିଖରୁ ଗିରଫ କରି ରଖାଯାଇଛି ଏବଂ ସେ ଅସୁସ୍ଥ ଅଛନ୍ତି। ଏହି ଦୁଇ ନେତା ତାରିଗାମୀଙ୍କୁ ସାକ୍ଷାତ କରିବା ସହିତ ଗିରଫ ହୋଇଥିବା ପାର୍ଟିର ଅନ୍ୟାନ୍ୟ ନେତା ଓ କର୍ମୀମାନଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ପ୍ରଶାସନକୁ ମଧ ଅବଗତ କରାଯାଇଥିଲା। ମାତ୍ର ପ୍ରଶାସନ ଅଗଣତାନ୍ତ୍ରିକ ଭାବରେ ସେମାନଙ୍କୁ ବିମାନବନ୍ଦରଠାରେ ଅଟକ ରଖିଛି। ଲୋକମାନଙ୍କ ସହିତ ଦେଖାକରିବାକୁ ନ ଛାଡ଼ି ଭାଜପା ତା'ର ଗୁପ୍ତ ଏଜେଣ୍ଡା କାର୍ଯ୍ୟକାରୀ କରି ସାରା ଦେଶବାସୀଙ୍କୁ ଅନ୍ଧାରରେ ରଖିବାକୁ ଉଦ୍ୟମ କରୁଛି ବୋଲି ସିପିଆଇ(ଏମ୍) ତରଫରୁ କୁହାଯାଇଛି। ସିପିଆଇ(ଏମ୍) କଟକ ଜିଲା କମିଟି ତରଫରୁ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ମଧୁସୂଦନ ପତି ଏବଂ ପ୍ରତାପ ମହାପାତ୍ର ପ୍ରମୁଖ ତୁରନ୍ତ ସେମାନଙ୍କୁ ଛାଡ଼ିବା ପାଇଁ ଦାବି କରିଛନ୍ତି।

# ବିଜ୍ଞାନ ଅଭିମୁଖୀ ଜନଯାତ୍ରା

## ସାମିଲ ହେଲେ ଶତାଧିକ ଛାତ୍ର, ଶିକ୍ଷକ





କଟକ ଅଫିସ, ୯।୮

ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଶୁକ୍ରବାର ଇଣ୍ଡିଆ ମାର୍ଚ୍ଚ ଫର ସାଇନ୍ସ ପକ୍ଷରୁ ବିଜ୍ଞାନ ଅଭିମୁଖୀ ଜନଯାତ୍ରାର ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ର-ଶିକ୍ଷକ ଓ ବୁଦ୍ଧିଜୀବିମାନେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ପାଖରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବହୁ ବିଶିଷ୍ଟ ବୈଜ୍ଞାନିକ ଯଥା ଆଇନଷ୍ଟାଇନ, ସି.ଭି ରମଣ, ମେଘନାଦ ଶାହା, ମ୍ୟାଡାମ କ୍ୟୁରି, ଷ୍ଟିଫେନ୍ ହକିଂ ପ୍ରମୁଖଙ୍କର ଫଟୋଚିତ୍ର ଓ ପୋଷ୍ଟର ଧରି ପିଲାମାନେ ସହର ପରିକ୍ରମା କରିଥିଲେ। ପରେ କଲେଜ ଛକଠାରେ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର କାୟସ୍ଥ ଯୋଗଦେଇ ବିଜ୍ଞାନ କେବଳ ପରୀକ୍ଷିତ ସତ୍ୟକୁ ହିଁ ଆଧାର କରି ଆଜି ଏହି ବିରାଟ ଜ୍ଞାନଜଗତ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି କହିଥିଲେ। ସେହିପରି ଅଧ୍ୟାପକ ଅର୍ଜ୍ଜୁନ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ର ପ୍ରଶ୍ନ କରିବା ଓ ଯୁକ୍ତି ତର୍କ ମାଧମରେ ସମସ୍ତ ବିଷୟକୁ ବିଶ୍ଳେଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, ବିଜୟ ରାଉତରାୟ, କରୁଣାକର ଶତ୍ରୁ ଶଲ, ସୁକାନ୍ତ ନାୟକ, ଲକ୍ଷ୍ମୀଧର ମହାନ୍ତି, କମଳଲୋଚନ ଦେହୁରି, ପୁଷ୍ପିତା ନାୟକ, ପ୍ରଶାନ୍ତ ନାୟକ, ସବିତା ନାୟକ ପ୍ରମୁଖ ଯୋଗଦେଇ ସମାଜରୁ ସମସ୍ତ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ଦିଲ୍ଲୀ, ମୁମ୍ବାଇ, କଲିକତା, ପୁନେ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ ସହିତ ପ୍ରାୟ ଦେଶର ମୋଟ୍ ୮୦ଟି ସହରରେ ଏହି ବିଜ୍ଞାନ ଅଭିମୁଖୀ ଜନଯାତ୍ରା ଆୟୋଜନ ହୋଇଥିବା ସୂଚନା ଦିଆଯାଇଥିଲା।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

କଟକ ଅଫିସ, ୯।୮

ସିଡିଏ ସେକ୍ଟର-୭ସ୍ଥିତ ଭାରତମାତା ପୂଜନ ସମିତିର କାର୍ଯ୍ୟାଳୟଠାରେ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଭିକାରି ଦାସ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଯୋଗଦେଇ ସ୍ୱାଧୀନତା ଦିବସରେ ସିଡ଼ିଏସ୍ଥିତ ଭାରତମାତା ମନ୍ଦିର ମଣ୍ଡପରେ ସକାଳ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ସମିତିର ମୁଖ୍ୟ ପୃଷ୍ଠପୋଷକ ସମୀର ଦେ ଏହି ଜାତୀୟ ପତାକାକୁ ଉତ୍ତୋଳନ କରିବେ । ଏହି ବୈଠକରେ ସମିତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାବେଳେ କୋଷାଧକ୍ଷା ଗୀତାରାଣୀ ଦାସ ଧନ୍ୟବାଦ ଦେଇଥିଲେ।

### ଭାରତଛାଡ ଆନ୍ଦୋଳନର ୭୭ତମ ସ୍ମାରକୀ ଦିବସ ପାଳିତ

କଟକ ଅଫିସ, ୯।୮

କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଭାରତଛାଡ ଆନ୍ଦୋଳନର ୭୭ ତମ ସ୍ମାରକୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା କାଶୀନାଥ ମଲ୍ଲିକ ଅଧକ୍ଷତା କରି ଭାରତୀୟ ମୁକ୍ତି ଆନ୍ଦୋଳନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଅଶୋକ ସାମଲ, ଅନିଲ ବେଉରା, ଆର୍ଯ୍ୟବୀର ଲେଙ୍କା, ରାକେଶ ମହାରଣା, ସୁକାନ୍ତ ସାହାଣି, ସେକ୍ ଜିଆଉଦ୍ଦିନ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ରେଣୁବାଳା ରାଉତ, ଗିରିବାଳା ବେହେରା ଯୋଗଦେଇଥିଲେ।

### ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସହାୟତା

କଟକ ସଦର,୯।୮(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ବିଧାନ ପାଇଁ ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ୨କୋଟି ୨୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଉକ୍ତ ଟଙ୍କାରେ ପ୍ରଶାସନିକ ଭବନ, ୱାର୍ଡ, ଡ୍ରଗ୍ସ ହାଉସ, ଆଉଟଡୋର କାର୍ଯ୍ୟ କରାଯିବ। ଏହି କାର୍ଯ୍ୟ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ପକ୍ଷରୁ କରାଯିବ। ଜାଗା ସମସ୍ୟା ଦୂର ହୋଇଥିବାରୁ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସାରି କାମ ଆରମ୍ଭ କରାଯିବ ବୋଲି ବିଧାୟକ ବେହେରା କହିଥିଲେ। ଫନୀରେ କ୍ଷତିଗ୍ରସ୍ତ ପ୍ରଶାସନିକ ଭବନକୁ କହ୍ନୁତଳ କରିବା ପାଇଁ ସ୍ଥାନୀୟ ଜନସାଧାରଣ ପ୍ରସ୍ତାବ ଦେଇଥିଲେ। ୪୨ମୌଜା ବନ୍ୟା ଅଞ୍ଚଳଭାବେ ପରିଚିତ ହୋଇଥିବା ବେଳେ ସମ୍ଭାବ୍ୟ ବନ୍ୟା ଆସିଲେ ଜରୁରୀ କାଗଜପତ୍ରକୁ ଉପରମହଲାରେ ସୁରକ୍ଷିତ ରଖାଯାଇପାରିବ ବୋଲି କଟକ ସଦର ବ୍ଲକ ଉପାଧକ୍ଷ ବିଭୁତିଭୂଷଣ ପରିଡ଼ା ଓ ଅଶୋକ ମହାନ୍ତି ପ୍ରସ୍ତାବ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବ ଅସୁବିଧାର ସମୀକ୍ଷା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ନୀଳମାଧବ ସାହୁ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ସିଡିଏମଓ ବିଭୂତିଭୂଷଣ ନାୟକ ଉପସ୍ଥିତ ଥିଲେ।

# ଅସୀମ ଅଖଣ୍ଡଙ୍କ ସ୍ମୃତି ସମାରୋହ ଉଦ୍‌ଯାପିତ

## ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଏଚ.ଏନ୍. ଦାସ, ଫକୀର ମଲ୍ଲିକ ସମ୍ବର୍ଦ୍ଧିତ

କଟକ ଅଫିସ,୯।୮

ବାରବାଟୀ ଷ୍ଟାଡିୟମ କ୍ଲବ ହାଉସଠାରେ ଶୁକ୍ରବାର ସାଧକ ଶିଳ୍ପୀ ଅସୀମ ଅଖଣ୍ଡଙ୍କ ୧୬ତମ ସ୍ମୃତି ସମାରୋହ ଉଦ୍‌ଯାପିତ ହୋଇଯାଇଛି। ସମିତି ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଏମ୍‌ପି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଓଡ଼ିଶାର କଳା ଭାସ୍କର୍ଯ୍ୟର ମୂକସାକ୍ଷୀ କୋଣାର୍କର ନବନିର୍ମାଣରେ ଶିଳ୍ପୀମାନଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟ ଅତିଥିଭାବେ ଜଷ୍ଟିସ ଏ.ଏସ୍. ନାଇଡୁ ଯୋଗଦେଇ କଳାକାରଙ୍କ ଜୀବନ ହେଉଛି ସରଳରେଖା ପରି। ୫୦ବର୍ଷ ତଳେ ସୃଷ୍ଟ ଅସୀମ ଅଖଣ୍ଡଙ୍କ ସୃଷ୍ଟି ଆଜି ମଧ ଅମଳିନ ହୋଇ ରହିଛି ବୋଲି ସେ କହିଥିଲେ। ଅତିଥିଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଅସୀମ ଅଖଣ୍ଡଙ୍କ ମହାନ କୃତି, ରବୀନ୍ଦ୍ର ମଣ୍ଡପ, ଷ୍ଟାଡିୟମ କ୍ଲବ ହାଉସ ବିଶେଷକରି ଓଡ଼ିଶା ପ୍ରଶାସନର ଲୋଗୋ ବିଷୟରେ ଆମେ ଜାଣି ନ ଥିବା ଦୁଃଖର କଥା ବୋଲି କହିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ଯୋଗଦେଇ କଳାକାରଙ୍କ ସୃଷ୍ଟି ଚିରନ୍ତନ ଯାହାର କେବେ ମୃତ୍ୟୁ ନାହିଁ। ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ପ୍ରତିଭାସମ୍ପନ୍ନ କଳାସାଧକଙ୍କ ଅମର କୀର୍ତ୍ତିର ସଂରକ୍ଷଣ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ସ୍ଥପତି ଫକୀର ଚରଣ ମଲ୍ଲିକ, ଫଟୋ ଖବରଦାତା ହୃଦୟନାଥ ଦାସ ଏବଂ ଶିଳ୍ପଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ସମେତ ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଯୁବତୀମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ବିଭିନ୍ନ ସ୍ଥାନରେ ଅଗଷ୍ଟ କ୍ରାନ୍ତି ଦିବସ

କଟକ ଅଫିସ,୯।୮

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅଗଷ୍ଟ କ୍ରାନ୍ତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଂଶୀମୋହନ ଶତପଥୀ କହିଥିଲେ, ଅଗଷ୍ଟ ୯ ଦେଶର ଇତିହାସରେ ଏକ ସ୍ମରଣୀୟ ଦିବସ। ଇଂରେଜମାନଙ୍କ ବିରୁଦ୍ଧରେ ଅନ୍ତିମ ଯୁଦ୍ଧ ସ୍ୱରୂପ ୧୯୪୨ ଅଗଷ୍ଟ ୯ରେ ଗାନ୍ଧୀ ଭାରତ ଛାଡ ଡାକରା ଦେଇଥିଲେ। ଏ ଆନ୍ଦୋଳନରେ କର ବା ମର ଥିଲା ତାଙ୍କର ସ୍ଲୋଗାନ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ବିଦ୍ୟୁତ ଲାଲା, ଗୋପାଳ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ସେଠୀ, ମୁକେଶ ସୋନୀ, ଇଂ. ନିର୍ମଳ ଦତ୍ତ, ଗଗନ ମେହେର, ବୈଷ୍ଣବ ପରିଡ଼ା ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଇଂ. ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।



କ୍ରାନ୍ତି ଦିବସରେ ଯୋଗଦେଇଥିବା ବ୍ୟକ୍ତିଗଣ।

ସ୍ୱେଚ୍ଛାସେବୀ ସଙ୍ଗଠନ ଭଏସ୍ ଫର୍ ଭଏସ୍ ଲେସ୍ ଓ ଓଡ଼ିଶା ଭାସ୍କର ପକ୍ଷରୁ ଶୁକ୍ରବାର ନୂଆବଜାରସ୍ଥିତ ନେତାଜୀ ପଡିଆରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ଏଥିରେ ଡ. ନିରଞ୍ଜନ ସାହୁ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ବାଦଲ ଦାସ, କେଶବ ଦାସ, ପ୍ରତାପ ଦାସ, ମନୋଜ ନାୟକ, ପ୍ରସନଜିତ ସାହୁ, ସତ୍ୟନାରାୟଣ ଶତପଥୀ, ଦିପ୍ତୀକାନ୍ତ ନାୟକ, ସୁଦର୍ଶନ ସାହୁ, ଅବିନାଶ ଦାସ, ଅଭିମନ୍ୟୁ ବିଶ୍ୱାଳ ଯୋଗଦେଇଥିଲେ।

ସମ୍ପାଦକ ଡ. ବିଭୂଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଦେଇଥିଲେ।

କଟକ କଲେଜଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲା କଂଗ୍ରେସ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦମାନଙ୍କର ସ୍ମୃତିଚାରଣ କରିବା ସହିତ ବର୍ତ୍ତମାନର ଯୁବକମାନେ ଦେଶ ଗଠନରେ ଭାଗ ନେବା ପାଇଁ ଆହ୍ୱାନ କରିଥିଲେ। ଏଥିରେ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ଲିଙ୍ଗରାଜ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ବେହେରା, ଶିଶିର ରଥ, ସୁକାନ୍ତ ରାଉତ, ଚନ୍ଦ୍ରଶେଖର ସାହୁ, ଉତ୍ତମ ବେହେରାଙ୍କ ସମେତ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ,
ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର

## ସଂକ୍ଷେପରେ

### ବାରାକ୍, କାର୍ଯ୍ୟାଳୟ ଉଦ୍‌ଘାଟନ



**ଖୋର୍ଦ୍ଧା ଅଫିସ,୯।୮ :**ଖୋର୍ଦ୍ଧା ଉପକଣ୍ଠ ନାଳିପଡା ଅର୍ଜୁନପୁରସ୍ଥିତ ଷଷ୍ଠ ଭାରତୀୟ ରିଜର୍ଭ ବାଟାଲିୟନର ନୂତନ ବାରାକ୍ ଓ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ସଶସ୍ତ୍ର ପୋଲିସର ଆଡିଶନାଲ ଡିଜି ମନୋଜ କୁମାର ଛାବ୍ରା ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ବାଟାଲିୟନର ଦୁର୍ଗପତି ରାଜ କିଶୋର ସାହୁ, ଆଇଟିବିପି କମାଣ୍ଡାଣ୍ଟ ରାଣା ଯୁଦ୍ଧବର ସିଂ, ଉପଦୁର୍ଗପତି ଶୈଳେନ୍ଦ୍ର ମୁଖୀ, ୟାକୁବ୍ ଖାଁ ଓ ରାଜେନ୍ଦ୍ର ବେହେରା, ସହ ଦୁର୍ଗପତି ପ୍ରସନ୍ନ କୁମାର ରାଉତ, ସୁବେଦାର ବାବୁ ସିଂ, ପ୍ରତାପ ସେଠୀ, ଦିଲୀପ କୁମାର ପାଲ୍, କୁଜେନ୍ଦ୍ର ମେଲକା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି ବାଟାଲିୟନର ନୂତନ ବାରାକ୍ ଓ କାର୍ଯ୍ୟାଳୟ ନିର୍ମାଣ ପାଇଁ ୫ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବାରାକ୍‌ରେ ୧୨୦ ବାଟାଲିୟନ ଫୋର୍ସ ରହିବାର ବ୍ୟବସ୍ଥା ରହିଛି।

### ୩୭୦,୩୫(ଏ) ଧାରା ଉଚ୍ଛେଦକୁ ସ୍ୱାଗତ



**ଖୋର୍ଦ୍ଧା ଅଫିସ,୯।୮ :**କଶ୍ମୀରରୁ ଧାରା ୩୭୦ , ୩୫(ଏ) ଉଚ୍ଛେଦକୁ ସ୍ୱାଗତ କରାଯାଇ ଏକ ଶୋଭାଯାତ୍ରା ଖୋର୍ଦ୍ଧା ନଗର ଶୁକ୍ରବାର ପରିକ୍ରମା କରିଛି। ଏଥିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଅଧିବକ୍ତା ପରିଷଦ, ହିନ୍ଦୁ ଜାଗରଣ ସାମୁଖ୍ୟ, ଭାଜପା, କଳିଙ୍ଗ ପାଇକ ସଙ୍ଗଠନ, ପତଞ୍ଜଳି ଯୋଗ ସମିତି, ବିଦ୍ୟା ଭାରତୀର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ନାରାୟଣ ଦୋରା, ଭୀମସେନ ପ୍ରଧାନ, ବେଲେଶ୍ୱର ସାହୁ, ବିଭୂଧେନ୍ଦ୍ର ବିଦ୍ୟାଧର, ସୁଶାନ୍ତ ମୋହନ ପଟ୍ଟନାୟକ, ଦିଲୀପ କୁମାର ଦୋରା, କାଳୁ ଚରଣ ଖଣ୍ଡାୟତରାୟ, ନିକୁଞ୍ଜ କିଶୋର ପଟ୍ଟନାୟକ, ସୀତାକାନ୍ତ ପଣ୍ଡା, ଶ୍ରୀରଞ୍ଜନ ମଙ୍ଗରାଜ, ଶକ୍ତି ଶଙ୍କର ମିଶ୍ର, ସୁବାସ ଚନ୍ଦ୍ର ଗନ୍ତାୟତ ପ୍ରମୁଖ ସାମିଲ ହୋଇଥିଲେ। ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କଶ୍ମୀରର ଧାରା ୩୭୦, ୩୫(କ) ଉଚ୍ଛେଦ ବିଷୟରେ ଅବଗତ କରାଇଥିଲେ। ସରୋଜ କୁମାର ପାଲଟାସିଂହ ଓ ଅଭିମନ୍ୟୁ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ମାଗଣା ଚିକିତ୍ସା ଶିବିର

**କୃଷ୍ଣପ୍ରସାଦ,୯।୮(ଡି.ଏନ.ଏ.)-**ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରୁ ଅନ୍ଧତ୍ୱ ଦୂର କରିବା ଲକ୍ଷ୍ୟରେ ବ୍ରହ୍ମପୁର ଇକୋସ୍ ଆଇ ହସପିଟାଲ୍ ତରଫରୁ ଶୁକ୍ରବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ଏହାର ମୁଖ୍ୟ ପରିଚାଳକ ଡ. ମିହିର ବଳ, ପରିଚାଳିକା ଡ. ଶଶିପ୍ରଭା ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି। ବଜ୍ରକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଡାକ୍ତର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀମାନ ଭୂୟାଁଙ୍କ ଦ୍ୱାରା ୨୩ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେହିଭଳି ବୁଦ୍ଧିବର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହରିଶ୍ଚନ୍ଦ୍ର ସାହୁ ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମାଗଣାରେ ଅପରେଶନ ନିମନ୍ତେ ରୋଗୀମାନଙ୍କୁ ବ୍ରହ୍ମପୁରସ୍ଥିତ ଇକୋସ୍ ଆଇ ହସପିଟାଲକୁ ନିଆଯାଇଥିଲା।

■ ବର୍ଷେ ହେଲା ହୋଇନାହିଁ ପଞ୍ଚାୟତ ବୈଠକ

# ରାଜନୀତି କରୁଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ

**ଖୋର୍ଦ୍ଧା ଅଫିସ,୯।୮**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କୁମାଣ୍ଡୋଳପାଟଣା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏଠାକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିଲେ ହେଁ ସେ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏ ସମ୍ପର୍କରେ ଶୁକ୍ରବାର ଜିଲାପାଳଙ୍କୁ ପଞ୍ଚାୟତର ସରପଞ୍ଚ, ଚିଲିକା ବ୍ଲକ ଅଧ୍ୟକ୍ଷା ଝରଣାରାଣୀ ବାରିକଙ୍କ ସମେତ ୩ ଜିଲା ପରିଷଦ ସଭ୍ୟ, ୧୨ ସରପଞ୍ଚ, ୧୨ ସମିତିସଭ୍ୟ ଫେରାଦ ହୋଇଛନ୍ତି। ସରପଞ୍ଚ ବନିତା ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ଚିଲିକା ବିଡିଓଙ୍କ ଚିଠି ନଂ. ୪୯୩, ୨୩।୨।୧୯ ଅନୁସାରେ କାର୍ଯ୍ୟନିର୍ବାହୀ ଅଧିକାରୀ ବଦଳି ହୋଇଛନ୍ତି। ବଦଳିର ୫ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି କି ପଞ୍ଚାୟତକୁ ଆସୁନାହାନ୍ତି। ବରଂ ମୋ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ବହିଷ୍କାର କରିବାକୁ ୱାର୍ଡମେମ୍ବରଙ୍କୁ ଡାକି ମେଳି କରୁଛନ୍ତି। ପଞ୍ଚାୟତରେ ରାଜନୀତି କରିବାରୁ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଉନ୍ନୟନ ଟଙ୍କା ପଡି ରହିଛି। ବଦଳି ପୂର୍ବରୁ ପଞ୍ଚାୟତ ବୈଠକ କରୁ ନ ଥିଲେ। ଏଣୁ ପ୍ରାୟ ବର୍ଷେ ହେଲା ପଞ୍ଚାୟତର ବୈଠକ ବସି ପାରୁନାହିଁ। ବୈଠକ କରିବାକୁ ବିଭିନ୍ନ ସମୟରେ ୱାର୍ଡମେମ୍ବରମାନେ ପଞ୍ଚାୟତରେ ବସି ବସି ଫେରୁଛନ୍ତି। ଏଣୁ ବଦଳି ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରନ୍ତୁ। ପଞ୍ଚାୟତରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବି ରଖିଛନ୍ତି। ବ୍ଲକ ଅଧ୍ୟକ୍ଷା ବାରିକ କୁହନ୍ତି, ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ବଦଳି ପରେ ଚାର୍ଜ ହସ୍ତାନ୍ତର କରୁ ନ ଥିବା ସମ୍ପର୍କରେ ବିଡିଓ, ପିଡି ଡିଆରଡିଏ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇସାରିଲାଣି। ହେଲେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରକ୍ଷା ପାଇ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏଣୁ ଶେଷରେ ୩ ଜିଲା ପରିଷଦ ସଭ୍ୟ, ୧୨ ସରପଞ୍ଚ, ୧୨ ସମିତିସଭ୍ୟଙ୍କୁ ଜିଲାପାଳଙ୍କ ପାଖକୁ ଆସିବାକୁ ପଡିଲା। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିବା କହିଛନ୍ତି। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ କୁହନ୍ତି, ଜଣେ ସରକାରୀ କର୍ମଚାରୀ ହୋଇ ଯଦି ରାଜନୀତି କରିବେ ତେବେ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ କାହିଁକି ନିର୍ବାଚନ ଲଢ଼ିବେ। ସରକାରୀ କର୍ମଚାରୀମାନେ ନିଜ କାମ କରିବା ସହ ଲୋକ ପ୍ରତିନିଧିଙ୍କ କାମ କରନ୍ତୁ। ଦେଶରେ କାହିଁକି ଗଣତନ୍ତ୍ର ଶାସନ ରହିବ। ତେବେ ଯାହା ହେଉ ଲୋକପ୍ରତିନିଧିଙ୍କ ସମସ୍ୟାକୁ ଜିଲାପାଳ ଓ ପିଡି ଡିଆରଡିଏ ଧୈର୍ଯ୍ୟର ସହ ଶୁଣି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରୋଦ କୁମାର ନାୟକଙ୍କୁ ପଚାରିବାରେ କୁମାଣ୍ଡୋଳପାଟଣା ଓ ଆଙ୍ଗୁଲା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାମ କରେ। କୁମାଣ୍ଡୋଳପାଟଣା ପଞ୍ଚାୟତରେ ପିଠା ଯୋଜନାରେ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨ଟି ଗ୍ରୁପକୁ ଅନଲାଇନରେ ୪ ହଜାର ପଇଠ ହୋଇ ସାରିଛି। ଟେଣ୍ଟ ହାଉସ୍, ଭିଡିଓ ଶୁଟିଂ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଅନ୍ୟ କାର୍ଯ୍ୟକ୍ରମ ପାଇଁ ୯୬ ହଜାର ଟଙ୍କା ପଇଠ କରିବାକୁ ସରପଞ୍ଚ ଚେକ୍‌ରେ ନେଇଛନ୍ତି। ହେଲେ ତାହା ନ ଦେଇ ମୋତେ ରିଲିଫ୍ ହେବାକୁ ବାଧ କରୁଛନ୍ତି। ମୋ ନାଁରେ ଅଭିଯୋଗ ବାଢ଼ି ତୁରନ୍ତ କାର୍ଯ୍ୟ ହସ୍ତାନ୍ତର କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଦାୟିତ୍ୱ ହସ୍ତାନ୍ତର କରି ଦେଲେ ମୋତେ ପୁଣି ୯୬ ହଜାର ଟଙ୍କା ଦେବାକୁ ପଡିବ। ଏଣୁ ୯୬ ହଜାର ଟଙ୍କା ପଇଠ କରି ଦେଲେ ମୁଁ ସଙ୍ଗେ ସଙ୍ଗେ ଦାୟିତ୍ୱ ହସ୍ତାନ୍ତର କରିଦେବି। ମୁଁ କୌଣସି ରାଜନୀତିରେ ନାହିଁ ବୋଲି ସେ କହିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଲୋକ ପ୍ରତିନିଧିମାନେ ।

- ■ ବଦଳି ସତ୍ତ୍ୱେ ହସ୍ତାନ୍ତର କରୁନାହାନ୍ତି ଦାୟିତ୍ୱ
- ■ ପଡି ରହିଛି ୧ କୋଟିରୁ ଊର୍ଦ୍ଧ୍ୱ ଉନ୍ନୟନ ଅର୍ଥ
- ■ ଜିଲାପାଳଙ୍କୁ ଫେରାଦ ହେଲେ ୨୮ ଲୋକପ୍ରତିନିଧି

## ୩୧ରେ ଜଟଣୀରେ ହେବ କୋର୍ଟ ଉଦ୍‌ଘାଟନ



କୋର୍ଟ ଖୋଲିବା ପୂର୍ବରୁ ଅନୁଧ୍ୟାନ କରାଯାଉଛି ।

**ଜଟଣୀ,୯।୮(ଡି.ଏନ.ଏ.):**
ବହୁ ପ୍ରତୀକ୍ଷିତ ଓ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ଦାବି ପରେ ଜଟଣୀରେ କୋର୍ଟ (ଜେଏମ୍ଏଫ୍‌ସି) ଖୋଲିବାକୁ ଯାଉଛି। ଆସନ୍ତା ୩୧ତାର ଏହା ଉଦ୍‌ଘାଟିତ ହେବ ବୋଲି ଜଟଣୀର ବରିଷ୍ଠ ଆଇନ୍‌ଜୀବୀ ତଥା ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି। ଜଟଣୀ ବଡ଼ ପୋଷ୍ଟ ଅଫିସ୍ ନିକଟବର୍ତ୍ତୀ ପୂର୍ତ୍ତବିଭାଗ ଡାକବଙ୍ଗଳାରେ କୋର୍ଟ ଖୋଲାଯିବା ଏହାକୁ ଦୃଷ୍ଟିରେ ରଖି ଡାକବଙ୍ଗଳାକୁ ନବୀକରଣ କରାଯିବା ସହ କୋର୍ଟ ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଜଲା ଜଜ୍ ସତ୍ୟନାରାୟଣ ମିଶ୍ର ଏଠାକୁ ପରିଦର୍ଶନରେ ଆସି ଆବଶ୍ୟକ ଭିତ୍ତିଭୂମି ଦେଖିଥିଲେ। ଯାହା ବଳକା କାର୍ଯ୍ୟ ରହିଛି ଉଦ୍‌ଘାଟନ ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଭୁବନେଶ୍ୱର କୋର୍ଟର ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏହାଛଡ଼ା ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ରଶ୍ମିରଞ୍ଜନ ବ୍ରହ୍ମା, ଶିବ ପ୍ରସାଦ ରଥ, ବାଉରୀବନ୍ଧୁ ସାହୁ, ଶୁଭ୍ରାଂଶୁ ଶେଖର ଜେନା, ଦୀପକ ମହାକୁଡ଼ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଜଟଣୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କୋର୍ଟ ଖୋଲିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏଠାରେ ଜଟଣୀ ଥାନା ସହ ଆର୍‌ପିଏଫ୍ ଓ ଜିଆର୍‌ପି ଥାନାର ଅନେକ ମାମଲା ଭୁବନେଶ୍ୱର ଓ ଖୋର୍ଦ୍ଧା କୋର୍ଟକୁ ବିଚାର ହେବାକୁ ଯାଉଥିଲା। ଏହାଛଡ଼ା ଭୌଗୋଳିକ ଦୃଷ୍ଟିକୋଣରୁ ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚନ୍ଦକା ଥାନା ସମେତ ଭୁବନେଶ୍ୱର ଏୟାରଫିଲ୍ଡ ଓ ଡେଲାଙ୍ଗ ଥାନାର ଅନେକ ଅଞ୍ଚଳ ଜଟଣୀ ବ୍ଲକ ମଧ୍ୟର ରହିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଜଟଣୀ ଥାନା ଓ ରେଲୱେ ମାମଲା ଜଟଣୀରେ ଖୋଲିବାକୁ ଯାଉଥିବା କୋର୍ଟରେ ବିଚାର ହେବା ନେଇ ସ୍ଥିର ହୋଇଥିବା ଜଣାପଡ଼ିଛି।

## ବିଜ୍ଞାନ ଅଭିମୁଖୀ ଜନଯାତ୍ରା ପାଇଁ ପଦଯାତ୍ରା



ଶୋଭାଯାତ୍ରାରେ ବାହାରୁଥିବା ସଚେତନ ନାଗରିକମାନେ ।

**ଖୋର୍ଦ୍ଧା ଅଫିସ,୯।୮:**

ଭାରତର ବିଜ୍ଞାନ ଅଭିମୁଖୀ ଜନଯାତ୍ରା ଉପଲକ୍ଷେ ଏକ ପଦଯାତ୍ରା ଶୁକ୍ରବାର ଖୋର୍ଦ୍ଧା ଜିଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ନୂଆବସ୍‌ଷ୍ଟାଣ୍ଡଠାରୁ ବାହାରି ଥିବା ପଦଯାତ୍ରା ଜୟୀ ରାଜଗୁରୁ ଭବନ ନିକଟରେ ପହଞ୍ଚିବା ପରେ ଏକ ସଭା ହୋଇଥିଲା। ଏଥିରେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ ଓ ଭାଗୀରଥି ରାଉତରାୟ, ସାମାଜିକ କର୍ମୀ ଓମ୍ ପ୍ରକାଶ ମହାନ୍ତି ଓ ରାମ ଶଙ୍କର, ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ସସ୍ମିତ ପଟ୍ଟନାୟକ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଛାତ୍ରନେତା ଜୟନ୍ତ ମହାନ୍ତ ଓ ଅବିନାଶ ପ୍ରଧାନ, ଶିକ୍ଷକ କେଶବ ବିଧାର ଯୋଗ ଦେଇ ଟିପ୍ପଣୀ ଦେଇଥିଲେ। ବକ୍ତାମାନେ କହିଥିଲେ, ସମାଜରେ ବୈଜ୍ଞାନିକ ଚିନ୍ତାଧାରା ଅଭାବ ରହିଛି। ଫଳରେ ଫସଲ ପାଇଁ ନରବଳି ଲୋକେ ଦେଉଛନ୍ତି। ପୁଣି ବାବାମାନଙ୍କର ଶରଣକୁ ଯିବା ଏବଂ ଗୁଣି ଗାରେଡି, କନ୍ୟାଭ୍ରୂଣ ହତ୍ୟା ପରି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ଅଳନ୍ଧୁ ପରି ଲାଗି ରହିଛି। ଏଭଳିସ୍ଥଳେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଓ ଗବେଷଣା କ୍ଷେତ୍ରରେ ଅଧିକ ବଜେଟ ବୃଦ୍ଧି କରାଯିବା ଦରକାର। କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ମତପ୍ରକାଶ ପାଇଛି।

### ସାପ କାମୁଡ଼ାରେ ଜଣେ ମୃତ

**ବୋଲଗଡ଼,୯।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଗୋଡ଼ଭଙ୍ଗା ଗ୍ରାମରେ ଦାଶରଥି ପ୍ରଧାନ (୫୫) ନାମକ ଜଣେ ବ୍ୟକ୍ତି ଶୋଇଥିବାବେଳେ ଗୁରୁବାର ରାତିରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗ୍ରାମବାସୀ ଓ ପରିବାର ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲେ ମଧ୍ୟ ଶୁକ୍ରବାର ଦାଶରଥିଙ୍କ ମୃତ୍ୟୁ ଘଟିଛି।

### ଆଇନ ମହାବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ

**ଖୋର୍ଦ୍ଧା ଅଫିସ,୯।୮:**
ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ୨ୟ ଓ ୩ୟ ବର୍ଷିକ ଶିକ୍ଷାଦାନ ଆରମ୍ଭ ହୋଇଛି। ପ୍ରତ୍ୟେକ ଛାତ୍ରୀଛାତ୍ର ଶତ ପ୍ରତିଶତ ଉପସ୍ଥିତ ରହିବା ସହ କଠିନ ପରିଶ୍ରମ କରି ମହାବିଦ୍ୟାଳୟର ସୁନାମ ରଖିବା ପାଇଁଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା ପରାମର୍ଶ ଦେଇଥିଲେ। ପ୍ରଥମବର୍ଷ ଛାତ୍ରୀଛାତ୍ର ତଥା ପାଞ୍ଚ ବର୍ଷିଆ ଇଣ୍ଟିଗ୍ରେଟେଡ 'ଲ' ର ନାମଲେଖା ପରେ ସେମାନଙ୍କ ଶିକ୍ଷାଦାନ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଗଭର୍ଣ୍ଣିଂବଡି ସଦସ୍ୟ ସତ୍ୟବାଦୀ ବଳିଆରସିଂହ, ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ବେହେରା, ଅଧ୍ୟାପିକା ଅପରାଜିତା ରଥ ପ୍ରମୁଖ ନିଜ ନିଜ ମତ ଉପସ୍ଥାପନ କରିଥିଲେ।

■ ଶ୍ରମିକ ମାରଣ ନୀତିକୁ ବିରୋଧ

## ନ୍ୟାୟ ଦାବିରେ ସଙ୍ଗଠନ ପକ୍ଷରୁ ଗଣଧାରଣା

**ବାଲୁଗାଁ,୯।୮(ଡି.ଏନ.ଏ.)–**

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା କମ୍ପାନୀର ଶ୍ରମିକ ମାରଣ ନୀତିକୁ ଦୃଢ଼ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ୬ଦଫା ଦାବି ନେଇ ଶୁକ୍ରବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି।

ପ୍ରକାଶ ଯେ, ସି.ପି.ଆରୋରା ନାମକ ଏକ କମ୍ପାନୀ ଖୋର୍ଦ୍ଧା ଜିଲା ଟାଙ୍ଗି ଠାରୁ ଗଞ୍ଜାମ ଜିଲା ପୁଇଁତୋଳା ପର୍ଯ୍ୟନ୍ତ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟର ଟେଣ୍ଡର ନେଇଛି । କମ୍ପାନୀ କାର୍ଯ୍ୟାଳୟ ବାଲୁଗାଁ ବାଇପାସ୍ ରାସ୍ତାର ବ୍ରାହ୍ମଣ କୁଶଡ଼ିହ ଛକ ଠାରେ ଅବସ୍ଥିତ । ସ୍ଥାନୀୟ ଅଞ୍ଚଳର ବହୁ ବେକାର ଯୁବକ ଆବେଦନ କରି ଏହି କମ୍ପାନୀରେ ଶ୍ରମିକ ଭାବେ ନିଯୁକ୍ତି ପାଇଛନ୍ତି । କାର୍ଯ୍ୟ କିଛି ମାସ ଚାଲିବା ପରେ ସେମାନଙ୍କ ପ୍ରତି କମ୍ପାନୀର ମାରଣନୀତି ଆରମ୍ଭ ହୋଇଥିଲା ଏବଂ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରିବା ସହ ମିଥ୍ୟା ମାମଲାରେ ଛନ୍ଦି ଦିଆଯାଉଥିବା ନେଇ ଶ୍ରମିକଙ୍କ ଅଭିଯୋଗରୁ ଜଣାଯାଇଛି । ଶ୍ରମ ବିଭାଗ ଓ ପ୍ରଶାସନ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଶ୍ରମିକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି । ଅଖିଳ ଭାରତୀୟ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ (ଏ.ଆଇ.ସି.ସି.ଟି.ୟୁ)ର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଓ ସି.ପି.ଆଇ(ଏମ୍.ଏଲ) ଲିବରେଶନ ଖୋର୍ଦ୍ଧା ଜିଲା ସମ୍ପାଦକ ମୁରଲୀଧର ବେହେରାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଶୁକ୍ରବାର ପୂର୍ବାହ୍ନରେ ଚଣ୍ଡେଶ୍ୱର ଠାରୁ ବାଇକ୍ ରାଲିରେ ବାହାରି କମ୍ପାନୀ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ କମ୍ପାନୀର ମନମୁଖି ଶାସନ ବିରୋଧରେ ସ୍ଲୋଗାନ୍ ଦେବା ସହ କମ୍ପାନୀ ଫାଟକ ଠାରେ ଗଣଧାରଣାରେ ବସିଥିଲେ । ଛଟେଇ ହୋଇଥିବା ୧୪ଜଣ ଶ୍ରମିକଙ୍କୁ ତୁରନ୍ତ ନିଯୁକ୍ତି, ବକେୟା ଥିବା ୪ମାସର ଦରମା ପ୍ରଦାନ, ଇପିଏଫ ଓ ଇଏସଆଇ ତୁରନ୍ତ ଜମା ପ୍ରଦାନ, କାର୍ଯ୍ୟରତ ଶ୍ରମିକଙ୍କୁ ଦୁର୍ବ୍ୟବହାର ବନ୍ଦ କରିବା, ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଏବଂ କର୍ମଚାରୀଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ମକଦ୍ଦମାର ପ୍ରତ୍ୟାହାର ଆଦି ୬ଦଫା ଦାବି ରହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏଁ କମ୍ପାନୀ ଫାଟକ ସମ୍ମୁଖରେ ଗଣଧାରଣା ଜାରି ରହିବ ବୋଲି ଶ୍ରମିକ ସଂଗଠନ ପକ୍ଷରୁ କୁହାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ, ବାଣପୁର ଓ ଟାଙ୍ଗି ପୋଲିସ ସଦଳବଳ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ପହଞ୍ଚିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଙ୍ଗଠନ ପ୍ରତିନିଧିଙ୍କୁ ନେଇ ଅଭିଯୋଗ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣାଯାଇଛି । ସମ୍ପୂର୍ଣ୍ଣ ନ୍ୟାୟ ନମିଳିବା ଯାଏଁ ଶ୍ରମିକ ସଙ୍ଗଠନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରି ଜିଦ୍‌ରେ ଅଟଳ ରହିଛନ୍ତି ।



ଶୁକ୍ରବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି ।

## ଭାଙ୍ଗିପଡ଼ିଲା ଅର୍ଦ୍ଧନିର୍ମିତ ବିଦ୍ୟାଳୟ ଗୃହ



ଭାଙ୍ଗି ପଡ଼ିଥିବା ଗୃହ ।

**ବୋଲଗଡ଼,୯।୮(ଡି.ଏନ.ଏ.)**
ବୋଲଗଡ଼ ବ୍ଲକ ଅସରଳା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଅର୍ଦ୍ଧନିର୍ମିତ ଗୃହର ତାଜା ଏବଂ କାନ୍ଥ ବୁଧବାର ବର୍ଷାଯୋଗୁ ଭାଙ୍ଗିଯାଇଛି। ପ୍ରାୟ ୮ବର୍ଷ ପୂର୍ବରୁ ନିର୍ମାଣ ଆରମ୍ଭ ହୋଇଥିବା ଘରଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିଲା। ଅନୁଦାନ ଅଭାବରୁ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ଗୃହଟିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

■ ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

## ମ୍ୟୁନିସିପାଲିଟି ପକ୍ଷରୁ ପ୍ରସ୍ତୁତି ବୈଠକ

**ଜଟଣୀ,୯।୮(ଡି.ଏନ.ଏ.):**
ସେପ୍ଟେମ୍ବର ୨ରେ ଗଣେଶ ପୂଜା। ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସ୍ଥାନୀୟ ମ୍ୟୁନିସିପାଲିଟିପକ୍ଷରୁଶୁକ୍ରବାର ଏଠାରେ ପୂର୍ବ ପ୍ରସ୍ତୁତି ବୈଠକ ଆୟୋଜନ ହୋଇଥିଲା। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଭିନ୍ନ ପୂଜା ପେଣ୍ଡାଲ କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ, ପୋଲିସ, ଅଗ୍ନିଶମ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ବିଶେଷକରି ବିଦ୍ୟୁତ୍‌କାଟ୍, ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଡ୍ରେନ୍ ରାସ୍ତା, ପାନୀୟ ଜଳ, ଟ୍ରାଫିକ୍, ସଫେଇ, ଷ୍ଟ୍ରିଟ୍ ଲାଇଟ୍, ମୁଖ୍ୟରାସ୍ତାରେ ଭାରିଯାନ ଚଳାଚଳ କଟକଣା ସମୟ ବୃଦ୍ଧି, ଅସାମାଜିକ କାର୍ଯ୍ୟକଳାପ ଆଦି ରହିଥିବା ଅନେକ ସମସ୍ୟା ଉପରେ ଜଟଣୀ ବ୍ୟବସାୟୀ ମହାସଂଘ ପକ୍ଷରୁ ସୁଦର୍ଶନ ସୁନ୍ଦରାୟଙ୍କ ସମେତ ଅନ୍ୟ ମାର୍କେଟ୍ କମିଟି ଓ ପୂଜା ପେଣ୍ଡାଲ କର୍ମକର୍ତ୍ତା ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପାଇଖାନା ବ୍ୟବସ୍ଥା, ଡଷ୍ଟବିନ୍ ଓ ପାର୍କିଂ ସମସ୍ୟା ନେଇ ଆଲୋଚନାରେ ସ୍ଥାନ ପାଇଥିଲା। ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନେ ଜଟଣୀର ଏହି ପ୍ରସିଦ୍ଧ ପୂଜା ପାଇଁ କି ପ୍ରକାର ପଦକ୍ଷେପ ନେଇଛନ୍ତି ତାହାର ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ସୀତାରାମ ଛକରେ ଦମକଳ ରଖାଯିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବବର୍ଷ ପରି ବିଭିନ୍ନ ସ୍ଥାନରେ ହେବାକୁ ଥିବା ଫାଷ୍ଟଏଡ୍ କେନ୍ଦ୍ର ନେଇ ବିଭାଗୀୟ ଅଧିକାରୀମାନେ କହିଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ କମିଟିର ସଦସ୍ୟମାନେ ।

### ବୈଠକରେ ଅପ୍ରୀତିକର ପରିସ୍ଥିତି

ପ୍ରସ୍ତୁତି ବୈଠକରେ ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ରାଉତରାୟଙ୍କ ଉପସ୍ଥିତିକୁ ନେଇ ଜଟଣୀ ବ୍ୟବସାୟୀ ସଂଘର ସୁଦର୍ଶନ ସୁନ୍ଦରାୟ ଓ ଅନେକ ମାର୍କେଟ୍ କମିଟି କର୍ମକର୍ତ୍ତା ବିରୋଧ କରିଥିଲେ। ସଂଗ୍ରାମଙ୍କ ଉପସ୍ଥିତିକୁ ନେଇ ସୁଦର୍ଶନଙ୍କ ନେତୃତ୍ୱରେ ମାର୍କେଟ୍ କମିଟି କର୍ମକର୍ତ୍ତାମାନେ ବୈଠକ ବର୍ଜନ କରି ବାହାରକୁ ପଳାଇ ଆସିଥିଲେ। ତାଙ୍କୁ ବାହାର କରା ନ ଯିବା ପର୍ଯ୍ୟନ୍ତ ବୈଠକରେ ଯୋଗ ଦେବେ ନାହିଁ ବୋଲି ପୌରୋହିତ୍ୟ କରୁଥିବା ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ରୋକ୍‌ଠୋକ୍ କହିଥିଲେ। ଏପରି ଅପ୍ରୀତିକର ପରିସ୍ଥିତିକୁ ଟାଳିବାକୁ ନିର୍ବାହୀ ଅଧିକାରୀଙ୍କ ଅନୁରୋଧ କ୍ରମେ ସଂଗ୍ରାମ ନିଜ ବକ୍ତବ୍ୟ ରଖି ବାହାରକୁ ଯିବା ପରେ ପୂଜା ପେଣ୍ଡାଲ କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ। ଏ ନେଇ ସୁଦର୍ଶନ କୁହନ୍ତି, ଏହି ବୈଠକରେ କେବଳ ପୂଜା ପେଣ୍ଡାଲ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ନିର୍ବାହୀ ଅଧିକାରୀ ସେମାନଙ୍କୁ କୁଆଡ଼େ କହିଥିଲେ। ହେଲେ କାହିଁକି ପୂର୍ବତନ ପୌରାଧ୍ୟକ୍ଷ ଉପସ୍ଥିତ ରହିଥିଲେ ବୋଲି ସୁଦର୍ଶନ ପ୍ରଶ୍ନ ଉଠାଇଛନ୍ତି। ଏହାର ଜବାବରେ ସଂଗ୍ରାମ କୁହନ୍ତି, ପ୍ରସ୍ତୁତି ବୈଠକରେ ଅନେକ ମାର୍କେଟ କମିଟି ଓ ପୂଜା ପେଣ୍ଡାଲ କର୍ମକର୍ତ୍ତା ଯୋଗ ଦେଇ ନ ଥିଲେ। ଏହାଛଡ଼ା ଜଟଣୀର ଏହି ପ୍ରସିଦ୍ଧ ପୂଜାକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ସେ ଜଣେ ପୂର୍ବତନ ପୌରାଧ୍ୟକ୍ଷ ଭାବେ ଯୋଗଦେଇ ପୂର୍ବ ଅଭିଜ୍ଞତା ଏଥିରେ ଉପସ୍ଥାପନ କରିବାରେ ତାଙ୍କର କେଉଁଠି ଭୁଲ୍ ରହିଲା ବୋଲି ସଂଗ୍ରାମ କହିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ମହାସଂଘର ଧାରଣା

**ନିରାକାରପୁର,୯।୮(ଡି.ଏନ.ଏ.)–**
ଖୋର୍ଦ୍ଧା ଜିଲା ଲେମ୍ବୋ ପଞ୍ଚାୟତସ୍ଥ ମଦର ଟେରେସା ମହିଳା ମହାସଂଘ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୨ ଦଫା ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ତେବେ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।ସୂଚନାଯୋଗ୍ୟ, ମହାସଂଘର ଆୟବ୍ୟୟ ହିସାବ ବର୍ଷ ବର୍ଷ ଧରି ହେଉ ନ ଥିବା ଓ ସଂଘର ପରିଚାଳନା, ନେତୃତ୍ୱରେ ସମସ୍ୟା ଦେଖାଦେଇଥିବା ଭଳି ବିଭିନ୍ନ ଦାବି ନେଇ ଜୁଲାଇ ୩୧ରେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ୭ ଦିନ ମଧ୍ୟରେ ସମାଧାନ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସଭ୍ୟାମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ।



ପଞ୍ଚାୟତ ସମ୍ମୁଖରେ ଧାରଣାରତ ମହିଳାମାନେ ।



ଅନ୍ୟମାନଙ୍କ ଭଲ କାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
-ଭଲଟାୟର



## ସଂକ୍ଷେପରେ

### ଫାଇଲିନ କ୍ଷତିଗ୍ରସ୍ତଙ୍କ ବ୍ଲକ କାର୍ଯ୍ୟାଳୟ ଘେରାଉ

ବ୍ରହ୍ମଗିରି,୯।୮(ସ୍ୱ.ପ୍ର.): ବ୍ରହ୍ମଗିରି ବ୍ଲକରେ ଫାଇଲିନ କ୍ଷତିଗ୍ରସ୍ତମାନେ ସରକାରୀ ସହାୟତାରେ ବାତ୍ୟା ନିରୋଧକ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବିଳମ୍ବ ହେଉଥିବାରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମହାବାତ୍ୟା ଫାଇଲିନକୁ ଇତି ମଧ୍ୟରେ ୬ ବର୍ଷବିତିବାକୁ ବସିଲାଣି। ବ୍ରହ୍ମଗିରି ବ୍ଲକରେ ବିଶ୍ୱ ବ୍ୟାଙ୍କ ତରଫରୁ ବାତ୍ୟା ନିରୋଧକ ବାସଗୃହ ଯୋଗାଇ ଦେବାରେ ପାତରଅନ୍ତର କରାଯାଇଥିଲା। ଏ ନେଇ ବହୁ ଆନ୍ଦୋଳନ ପରେ ୧୪୯୭ ହିତାଧିକାରୀଙ୍କୁ ଏହି ବାସଗୃହ ପାଇଁ ସହାୟତା ଯୋଗାଇ ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସେଥିମଧ୍ୟରୁ ୯ଶହ ହିତାଧିକାରୀଙ୍କୁ ଏହି ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟମାନେ ବଞ୍ଚିତ ଅଛନ୍ତି। ଫଳରେ ବଞ୍ଚିତ ଥିବା କ୍ଷତିଗ୍ରସ୍ତମାନେ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ ପାଇଁ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବ୍ରହ୍ମଗିରି ବ୍ଲକ ବିଡିଓ ଭାସ୍କର ଚନ୍ଦ୍ର ରଇତଙ୍କ ସହ କ୍ଷତିଗ୍ରସ୍ତଙ୍କ ଆଲୋଚନା ପରେ ଏହି ଘେରାଉ ପ୍ରତ୍ୟାହୃତ ହୋଇଥିଲା।

### ବର୍ଷା ଯୋଗୁ ବିଚ୍ଛିନ୍ନ ହେବ ନାଗପୁର-ନୟାହାଟ ଗ୍ରାମ
ବିପଦରେ ସଂଯୋଗୀକରଣ ରାସ୍ତା

ଗୋପ,୯।୮(ଡି.ଏନ୍.ଏ.): ଗତ କିଛିଦିନ ହେବ ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହୁଥିବାରୁ ଗୋପ ବ୍ଲକ୍‌ର ନାଗପୁର-ନୟାହାଟ ଗ୍ରାମକୁ ସଂଯୋଗୀକରଣ ରାସ୍ତାଟି ବିପଦରେ ଥିବା ଜଣାପଡ଼ିଛି। ଫଳରେ ଏହି ରାସ୍ତା ଦେଇ ଏବେ ପ୍ରାୟତଃ ଯିବା ଆସିବା ବନ୍ଦ ହୋଇଯାଇଥିବାବେଳେ ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ସୂଚନା ଅନୁଯାୟୀ, ଭଇରିପୁର ନିକଟରେ ନିର୍ମାଣ ହେଉଥିବା ସେତୁର ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ବ୍ୟବସାୟୀ ନାଗପୁର ଓ ନୟାହାଟ ଯାତାୟାତ କରୁଛନ୍ତି। ଲଗାତର ବର୍ଷାରେ ରାସ୍ତାଟି ଅଧାରୁ ଅଧିକ ଧସିଯାଇଥିବାରୁ ରାସ୍ତାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ନାଗପୁର ଓ ନୟାହାଟ ଉପରେ ଏ ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ନିର୍ଭର କରୁଥିବାରୁ ଯିବାଆସିବା ନ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବ୍ୟବସାୟୀ ଓ ଜନସାଧାରଣଙ୍କ ପକ୍ଷରୁ ପୂର୍ତ୍ତ ବିଭାଗ ଉଚ୍ଚ ପଦାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସେମାନଙ୍କ ଏଥିପ୍ରତି ନଜର ପଡୁନାହିଁ। କାର୍ଯ୍ୟସ୍ଥଳରେ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବଘନ ବେହେରା କୁହନ୍ତି, ସେତୁର ଢଳେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ରାସ୍ତା କାର୍ଯ୍ୟରେ କିଛି ସମସ୍ୟା ରହିଛି। ଖୁବଶୀଘ୍ର ଏହାର ସମାଧାନ କରାଯିବା ପାଇଁ କାର୍ଯ୍ୟାଳୟ ତରଫରୁ ଉଦ୍ୟମ ଜାରି ରହିଛି।

### ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମଗିରି,୯।୮(ଡି.ଏନ.ଏ): ବାତ୍ୟା ଆଶ୍ରୟସ୍ଥଳୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୋରୁଆଳସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ୧୧ଦିନ ଧରି ଚାଲିଥିଲା ଏହି ଶିବିରରେ ବନ୍ୟା ଓ ବାତ୍ୟା ମୁକାବିଲା କରିବା ପାଇଁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥାନୀୟ ଯୁବତୀ ଓ ଯୁବକମାନଙ୍କ ପ୍ରଶିକ୍ଷଣ ଦିଆଯାଇଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କୁ କିପରି ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିପାରିବା ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ ଗ୍ରାମ ପଞ୍ଚାୟତର ୫୦ଜଣ ଯୁବତୀ ଓ ଯୁବକ ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କମିଟି ମୋଭିଲାଇଜର ଦୀପକ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଭାବେ ମଧୁସ୍ମିତା ସ୍ୱାଇଁ ଓ ଦୀପକ କୁମାର ଜେନା, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ମାନସ କୁମାର ବିଶ୍ୱାଳ, ଗୋରୁଆଳ ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ନାୟକ, କମିଟି ସଭ୍ୟ ପବିତ୍ର କୁମାର ସ୍ୱାଇଁ, ସଦାଶିବ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଜେନା, ଗୋବିନ୍ଦ ରାଉତ ଓ ପ୍ରମୋଦ କୁମାର ପରିଡା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

■ ଭୋଳାନାଥ ବିଦ୍ୟାପୀଠରେ ଜମିଛି ବର୍ଷାଜଳ

# ଖେଳକୁଦ ପାଇଁ ପିଲା ହଇରାଣ

ପୁରୀ ଅଫିସ, ୯।୮:



ବିଦ୍ୟାପୀଠ ପରିସରରେ ପାଣି ଜମି ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧା ଭୋଗୁଛନ୍ତି।

■ ଖୋଲାରେ ଖାଉଛନ୍ତି ମଧ୍ୟାହ୍ନଭୋଜନ
■ ଶୌଚାଳୟ ଅବସ୍ଥା ଶୋଚନୀୟ

ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ବାସ୍ତବ କ୍ଷେତ୍ରରେ ଏହିସବୁ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଛାତ୍ରୀଛାତ୍ରମାନେ ଏଥିରୁ କେତେ ଉପକୃତ ହେଉଛନ୍ତି ତାହାର ଠିକ୍ ଭାବେ ତଦାରଖ କରାଯାଉନାହିଁ। ଫଳରେ କେଉଁଠି ସରକାରୀ ଅନୁଦାନ ବାଟମାରଣା ହେଉଛି ତ ଆଉ କେଉଁଠାରେ ଛାତ୍ରୀଛାତ୍ରଙ୍କୁ ସର୍ବନିମ୍ନ ସୁବିଧା ମିଳୁନାହିଁ। ପ୍ରତିକୂଳ ପରିସ୍ଥିତିରେ ଛାତ୍ରୀଛାତ୍ର ପଢିବା ପାଇଁ ବାଧ୍ୟ ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀ ସହରସ୍ଥ ଭୋଳାନାଥ ବିଦ୍ୟାପୀଠ। ଏଠାରେ ଅନେକ ସମସ୍ୟା। ପିଲାଙ୍କୁ ପାନୀୟଜଳ ମୁନ୍ଦେଏ ମିଳୁ ନ ଥିବାବେଳେ ବର୍ଷା ୩ ମାସ ଖେଳପଡ଼ିଆରେ ପାଣି ଜମି ରହୁଥିବାରୁ ଖେଳକୁଦରୁ ବଞ୍ଚିତ ରହୁଛନ୍ତି। ସେହିପରି ଶୌଚାଳୟ ଅବସ୍ଥା ଦୟନୀୟ ହୋଇପଡ଼ିଛି। ମଧ୍ୟାହ୍ନଭୋଜନ ଖାଇବା ଲାଗି କୌଣସି ବ୍ୟବସ୍ଥା ନାହିଁ। ତେଣୁ ପିଲାମାନେ ଖୋଲାପଡ଼ିଆରେ ଏଣେତେଣେ ବୁଲି ଖାଉଥିବା ଦେଖିବାକୁ ମିଳିଛି। ଆବର୍ଜନା ପାଣିଘେରରେ ଥିବା ନଳକୂପରୁ ପାଣି ପିଉଛନ୍ତି। ଅନ୍ୟପଟେ ସ୍କୁଲ ଛୁଟି ପରେ ଏହା ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଛି।

୧୯୬୦ ମସିହାରେ ଗୁଣ୍ଡିଚା ମନ୍ଦିର ନିକଟରେ ଭୋଳାନାଥ ବିଦ୍ୟାପୀଠ ପ୍ରତିଷ୍ଠା ହୋଇଥିଲା। ଏଠାରେ ବର୍ତ୍ତମାନ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୭୦୦ ପିଲା ପଢୁଛନ୍ତି। ଏହି ପୁରାତନ ଶିକ୍ଷାନୁଷ୍ଠାନ ନାନା ସମସ୍ୟା ଭିତରେ ଗତି କରୁଛି। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୧୦ମ ଶ୍ରେଣୀର ଛାତ୍ରୀ ସମଦର୍ଶିନୀ ଜେନା କହିଛନ୍ତି, ରଥଯାତ୍ରା ସମୟରେ ଆମ ବିଦ୍ୟାଳୟରେ ପଲ୍ଲିଶ୍ରୀ ମେଳା ଚାଲିଥିଲା। ସ୍କୁଲରେ ପୋଲିସମାନେ ରହିଥିଲେ। ସେବେଠାରୁ ଶୌଚାଳୟ ଶୋଚନୀୟ ହୋଇପଡ଼ିଛି। ଫଳରେ ଆମ ତାକୁ ବ୍ୟବହାର କରିପାରୁନୁ। ସେହିପରି ଖେଳପଡ଼ିଆରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମିଛି। କେବଳ ଏଇ ବର୍ଷ ନୁହେଁ, ପ୍ରତିବର୍ଷ ବର୍ଷାଋତୁ ୩ମାସ ପାଣି ଜମୁଥିବାରୁ ଆମେ ଖେଳକୁଦ କରିପାରୁନାହୁଁ। ଦଶମଶ୍ରେଣୀର ଛାତ୍ରୀ ରୁପାଲି ଜେନା ଏବଂ ବେବିନା ମଲ୍ଲିକ ମଧ୍ୟ ଖେଳପଡ଼ିଆ ଓ ଶୌଚାଳୟ ଦୁରବସ୍ଥା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବେବିନା କହିଛନ୍ତି, ବାତ୍ୟାରେ ବିଦ୍ୟାଳୟ ପାଣିଟାଙ୍କି ଭାଙ୍ଗିଯାଇଥିଲା। ଏହା ପରଠାରୁ ପାନୀୟଜଳ ସମସ୍ୟା ଲାଗିରହିଛି। ଆମେ ଘରୁ ବୋତଲରେ ଯେତିକି ପାଣି ଆଣୁଛୁ ସେତିକି ପିଉଛୁ। ସରିଗଲେ ହଇରାଣ ହେଉଛୁ।

ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଥିବା ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଜେନା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଖେଳପଡ଼ିଆ ଆହୁରି ଖାଲୁଆ ଥିଲା। ଏଥିରେ ବାଲି ଫିଲିଂ କରାଯାଇଛି। ତଥାପି ରାସ୍ତା ପତ୍ତନଠାରୁ ପଡ଼ିଆ ତଳୁଆ ରହୁଥିବାରୁ ପାଣି ଜମୁଛି। ବେଳେ ବେଳେ ରାସ୍ତା ପାଣି ଆସି ପଡ଼ିଆରେ ଜମୁଛି। ଆମର ଡ୍ରେନେଜ ସିଷ୍ଟମ ନ ଥିବାରୁ ଏଭଳି ସମସ୍ୟା ହେଉଛି। ମୋ ସ୍କୁଲ ଅଭିଯାନରେ ଆମ ବିଦ୍ୟାଳୟକୁ ୨୦ଲକ୍ଷ ଟଙ୍କା ଅନୁଦାନ ଆସିଛି। ତେଣୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯିବ। ପାନୀୟଜଳ ସମସ୍ୟା ସମ୍ପର୍କରେ ସେ କହିଥିଲେ, ପୂର୍ବରୁ ବୋରିଂ ପାଣି ଉଠାଯାଇ ପିଲାଙ୍କୁ ଦିଆଯାଉଥିଲା। ତାହା ସୁରକ୍ଷିତ ନାହିଁ। ଏବେ ମ୍ୟୁନିସିପାଲିଟି ପାଣିକୁ ଷ୍ଟକ୍ ରଖାଯାଇ ଟାଙ୍କିକୁ ଉଠାଇ ପିଲାଙ୍କୁ ଦେବା ଲାଗି ବ୍ୟବସ୍ଥା କରାଯାଉଛି। କିନ୍ତୁ ବର୍ତ୍ତମାନ ପାନୀୟଜଳର ସମସ୍ୟା ରହିଛି। ଶୌଚାଳୟକୁ ପାନୀୟଜଳ ଯୋଗାଣ କରାଯାଇଛି । ହେଲେ ବିଭିନ୍ନ ସମୟରେ ଅସାମାଜିକମାନେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରି ଟ୍ୟାପ୍ ଚୋରି କରୁଛନ୍ତି ନଚେତ ଭାଙ୍ଗି ଦେଉଛନ୍ତି। ବିଦ୍ୟାଳୟରେ ୨୦ ଶିକ୍ଷକ ପଦବୀ ମଧ୍ୟରୁ ୫ ପଦବୀ ଫାଙ୍କା ପଡ଼ିଛି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି, ମୁଁ ନୂତନ ଭାବେ ଏଠାରେ ଯୋଗଦେଇଛି। ଆପଣଙ୍କଠାରୁ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଖବର ପାଇଲି। ବିଦ୍ୟାଳୟ ପରିଦର୍ଶନ କରି ଯାହା କରିବାର କଥା କରାଯିବ। ତେବେ ବିଦ୍ୟାଳୟଗୁଡ଼ିକର ସମସ୍ୟା ସମାଧାନ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ଏଥିମଧ୍ୟରୁ ମୋ' ସ୍କୁଲ ଯୋଜନା ଅନ୍ୟତମ । ଏହା ମାଧ୍ୟମରେ ଅନେକ କାମ କରାଯାଇପାରିବ। ଖେଳପଡ଼ିଆରୁ କିପରି ଜଳ ନିଷ୍କାସନ କରାଯାଇ ପିଲାମାନେ ଖେଳିପାରିବେ ତାହାର ବ୍ୟବସ୍ଥା କରାଯିବ। ଆସନ୍ତା ୧୫ଦିନ ମଧ୍ୟରେ ପାନୀୟଜଳ ବ୍ୟବସ୍ଥା ହୋଇଯିବ।

■ ସମୁଦ୍ର କୂଳରେ ଚାଲିଛି ବେଆଇନ ନିର୍ମାଣ

# ବନ୍ଦ କରିବାକୁ ଜିଲାପାଳଙ୍କୁ ଅନୁରୋଧ

ପୁରୀ ଅଫିସ,୯।୮:

ସମୁଦ୍ର କୂଳରେ ପରିବେଶ ସୁରକ୍ଷା ଆଇନକୁ ଉଲ୍ଲଂଘନ କରି ଅନଧିକାର ଭାବେ ସମୁଦ୍ରଠାରୁ ୫୦୦ ମିଟର ମଧ୍ୟରେ ବହୁସଂଖ୍ୟକ କୋଠାବାଡି ନିର୍ମାଣ ଚାଲିଛି। ବିଶେଷକରି ସିପସରୁବାଲି, ବଳିଆପଣ୍ଡା, ବାଲିସାହି, ନୋଳିଆସାହି, ଗାନ୍ଧୀଘାଟ, ବାଙ୍କୀମୁହାଣ ଏବଂ ଚକ୍ରତୀର୍ଥ ମୌଜାରେ ଏହି ନିର୍ମାଣ ଚାଲିଛି। ଜିଲା ପ୍ରଶାସନ କିମ୍ବା ପିକେଡିଏ ପକ୍ଷରୁ ବେଆଇନ ନିର୍ମାଣ ରୋକାଯାଉ ନାହିଁ। ଏଥିନେଇ ଓଡ଼ିଶା ବେଳାଭୂମି ସୁରକ୍ଷା ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ରାଜ୍ୟ ସରକାରଙ୍କ ଉପକୂଳବର୍ତ୍ତୀ ଅଞ୍ଚଳ ପରିଚାଳନା ପ୍ରାଧିକରଣଙ୍କ ନିକଟରେ ଅଭିଯୋଗ କରିଥିଲେ। ତାହାକୁ ଭିତ୍ତିକରି ତୁରନ୍ତ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରାଧିକରଣ ସଦସ୍ୟ ସଚିବ ଗତ ଫେବୃୟାରୀ ୨୬ ତାରିଖରେ ପୁରୀ ଜିଲାପାଳ ଏବଂ ପିକେଡିଏ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱ ବେଆଇନ ନିର୍ମାଣ ରୋକିବାରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ସମୁଦ୍ର କୂଳରେ ବେଆଇନ ଭାବେ କୋଠା ନିର୍ମାଣ ଚାଲିଛି। ଅଧିକାଂଶ ନିର୍ମାଣକାରୀ ଉପକୂଳ ପରିଚାଳନା ପ୍ରାଧିକରଣ କିମ୍ବା ପିକେଡିଏଠାରୁ ଅନୁମତି ନେଇନାହାନ୍ତି। ତେଣୁ ସୁରକ୍ଷା ପରିଷଦ ପକ୍ଷରୁ ଗୁରୁବାର ପୁଣିଥରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ବେଆଇନ ଭାବେ ଚାଲିଥିବା କୋଠାବାଡ଼ି ନିର୍ମାଣ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ ଏବଂ ବେଆଇନ ନିର୍ମାଣଗୁଡ଼ିକୁ ତୁରନ୍ତ ଭାଙ୍ଗି ଦେବା ପାଇଁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ବଳୱନ୍ତ ସିଂ କହିଛନ୍ତି, ଖୁବ୍ ଶୀଘ୍ର ଏକ ସ୍କ୍ୱାଡ୍ ଗଠନ କରାଯାଇ ବେଆଇନ ନିର୍ମାଣ ରୋକିବା ଦିଗରେ ପଦକ୍ଷେପ ନିଆଯିବ।

# ଡେଲାଙ୍ଗ ପଞ୍ଚାୟତ ସମିତିର ୪ର୍ଥ ବୈଠକ

**ପାନୀୟ ଜଳ ଯୋଗାଣ ଓ ଜଳ ନିଷ୍କାସନ ନେଇ ବୈଠକରେ ଉଦ୍‌ବେଗ**



ପଞ୍ଚାୟତ ସମିତି ବୈଠକରେ ଅଧିକାରୀ ଓ ଜନପ୍ରତିନିଧିମାନେ।

ଡେଲାଙ୍ଗ, ୯।୮(ଡି.ଏନ.ଏ)

ପାନୀୟ ଜଳ ଯୋଗାଣ ଓ ଜଳ ନିଷ୍କାସନ ନେଇ ଶୁକ୍ରବାର ଅନୁଷ୍ଠିତ ଡେଲାଙ୍ଗ ପଞ୍ଚାୟତ ସମିତିର ୪ର୍ଥ ବୈଠକରେ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ପାଇଁ ନିବେଦନ କରିଛନ୍ତି। ବ୍ଲକ ଚେୟାରମ୍ୟାନ ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରଦୀପ ମହାରଥୀ, ଉପାଧ୍ୟକ୍ଷା ସ୍ୱପ୍ନା ବଳବନ୍ତରାୟ, ବିଡିଓ କ୍ଷୀରୋଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ମଳୟ ମହାନ୍ତି, ଦେବାଶିଷ ନନ୍ଦ, ସଭ୍ୟା ପୁଷ୍ପାଞ୍ଜଳି ସାମଲ, ହରିରାଜପୁର ପଞ୍ଚାୟତ ଦାୟିତ୍ୱରେ ଥିବା ଅତିରିକ୍ତ ବିଡିଓ ପ୍ରଦୀପ ନାୟକଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆମ ଗାଁ ଆମ ବିକାଶରେ ୨୨୬ଟି ପ୍ରକଳ୍ପ ପାଇଁ ୫ କୋଟି ୫୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିମଧ୍ୟରୁ ୧୨୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ୩କୋଟି ୧୬ଲକ୍ଷ ୫୦ହଜାର ଟଙ୍କା ଉପଯୋଗ ହୋଇଥିବା ସହକାରୀ ଯନ୍ତ୍ରୀ ଅଜୟ ପ୍ରଧାନ ସୂଚନା ଦେଇଥିଲେ। ଶିଶୁ ବିକାଶ ଅଧିକାରୀ କାମିନୀପ୍ରଭା ସ୍ୱାଇଁ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଉଚ୍ଛବ ସ୍ୱାଇଁ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସଙ୍ଗୀତା ମିଶ୍ର, ବୈଷୟିକ କୃଷି ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନ, ଜଳ ପରିମଳ କନିଷ୍ଠ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଓଝା, ସ୍ୱାଗତିକା ପ୍ରଧାନ, ଖାଦ୍ୟ ଯୋଗାଣ ଅଧିକାରୀ ଲିପ୍‌ସାରାଣୀ ରାଉତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

■ ଫନୀକୁ ବିତିଲା ୧୦୦ଦିନ

# ମିଳିନି ଘରଭଙ୍ଗା ସହାୟତା, ଖୋଲା ଆକାଶ ତଳେ ବିପନ୍ନ

କଣାସ,୯।୮(ସ୍ୱ.ପ୍ର.)



ପଲିଥିନ ତଳେ ଥିବା ଏକ ବିପନ୍ନ ପରିବାର।

ବାତ୍ୟା ଫନୀକୁ ଶହେ ଦିନ ବିତିଯାଇଛି। ପୁରୀ ଜିଲାର ଅନୁନ୍ନତ ଅଞ୍ଚଳଭାବେ ପରିଚିତ କଣାସ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏଯାବତ ଘରଭଙ୍ଗା ତଦନ୍ତ ସରି ନାହିଁ। ଫଳରେ ବିପନ୍ନଙ୍କୁ କେବେ ସରକାରୀ ସହାୟତା ମିଳିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶହ ଶହ ପରିବାର ବାସଗୃହ ହରାଇ ପଲିଥିନ୍ ତଳେ, ଭଙ୍ଗା ଘରେ ଆଶ୍ରୟ ନେଇଥିବା ବେଳେ ବାରମ୍ବାର ଲଘୁଚାପଜନିତ ବର୍ଷା ବିପନ୍ନମାନଙ୍କ ଯନ୍ତ୍ରଣା ଆହୁରି ବଢ଼ାଇ ଦେଇଛି।

ଖବର ଅନୁଯାୟୀ, ବାତ୍ୟାରେ ଭାଙ୍ଗିଯାଇଥିବା ବାସଗୃହଗୁଡ଼ିକୁ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା। ଫଳରେ ଜିଲାପାଳମାନେ ତହସିଲଦାରଙ୍କୁ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କଣାସ ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକ, ବ୍ଲକର କର୍ମଚାରୀ, କେତେକ ଶିକ୍ଷକଙ୍କୁ ନେଇ କେତୋଟି କମିଟି ଗଠନକରି କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଲଗାଯାଇଥିଲା। କିନ୍ତୁ ତଦନ୍ତରେ ବହୁ ହେରଫେର୍ ହୋଇଥିବା ଜଣାପଡିବାପରେ ଅନେକ ବ୍ୟକ୍ତି ପୁରୀ ଜିଲାପାଳ, କଣାସ ବିଡିଓ ଓ ତହସିଲଦାରଙ୍କୁ ଜଣାଇଥିଲେ। ଅଭିଯୋଗ ପାଇ ପୁରୀ ଜିଲାପାଳ ସେଠାରୁ ସ୍ୱତନ୍ତ୍ର କେତେକ କର୍ମଚାରୀଙ୍କୁ ପୁନଶ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୫ରୁ ପୁଣି ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଲିଷ୍ଟ ଆସି ନ ଥିବା ଜଣାପଡିଛି। ଏମିତିରେ ବିପନ୍ନମାନେ ସେହି ଭଙ୍ଗା ଘରେ ଆଶ୍ରୟ ନେଉଥିବା ବେଳେ କେବେ ସହାୟତା ମିଳିବ ସେନେଇ ଚାହିଁ ରହିଛନ୍ତି। ଏ ନେଇ କଣାସ ତହସିଲଦାର ଅନୀତା ପଣ୍ଡା କୁହନ୍ତି, ଜିଲାରୁ ଆସିଥିବା ତଦନ୍ତକାରୀ ଦଳ ବ୍ଲକର ସମସ୍ତ ଗ୍ରାମକୁ ଯାଇ ତଦନ୍ତ କରି ରିପୋର୍ଟ ମୋତେ ଦେଇଛନ୍ତି। ସେହି ରିପୋର୍ଟଗୁଡ଼ିକୁ କମ୍ପ୍ୟୁଟରରେ ଏଣ୍ଟ୍ରିକରି ଜିଲା ଅଫିସ୍‌କୁ ପଠାଇବି। ସେଠାରୁ ଆପ୍ରୁଭ ହେଲେ ବିପନ୍ନ ପରିବାରକୁ ସହାୟତା ଦିଆଯିବ। କିନ୍ତୁ କେତେଦିନ ମଧ୍ୟରେ ମିଳିବ ବୋଲି ପଚାରିବାରୁ ତାହା କହିପାରିବିନି ବୋଲି ତହସିଲଦାର ପଣ୍ଡା କହିଥିଲେ। ପ୍ରତିଦିନ ଶତାଧିକ ବିପନ୍ନ ଘରଭଙ୍ଗା ସହାୟତା ଆସିଲାକି ନାହିଁ ବ୍ୟାଙ୍କକୁ ଯାଇ ଭିଡ ଜମାଉଥିବା ଦେଖିବାକୁ ମିଳୁଛି।

### ଲଘୁଚାପ ବର୍ଷାରେ କଣାସ ଅଞ୍ଚଳ ଚାଷଜମି ଜଳମଗ୍ନ
### ହୋଇପାରୁନି ଧାନ ତଳିରୁଆ

କଣାସ,୯।୮(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଲାଗିରହିଥିବାରୁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ୧୧ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଧାନ ଚାଷ ଜମିରେ ୨ରୁ ୩ ଫୁଟ ପାଣି ଜମି ରହିଛି। ଅନେକ ଚାଷୀ ଅକ୍ଷୟ ତୃତୀୟା ଦିନ ମୁଠି ଅନୁକୂଳ କରି ଅଧିକାଂଶ ଜମିରେ ଧାନ ବୁଣିଥିଲେ। ସେହି ଧାନ ଗଛଗୁଡିକ ଫନୀ ବାତ୍ୟା ଯୋଗୁ ନଷ୍ଟ ହୋଇଯାଇଥିଲା। ଚାଷୀମାନେ ପୁନଶ୍ଚ ଡିପଜାଗା ଦେଖି ତଳିପକାଇଥିଲେ ହେଁ କ୍ରମାଗତ ବର୍ଷା ଯୋଗୁ ଅନେକ ତଳି ଜମି ବର୍ଷା ପାଣିରେ ବୁଡି ନଷ୍ଟ ହୋଇଯାଇଛି। ବାକି ଯେଉଁ ତଳିଜମିଗୁଡିକ ରହିଯାଇଛି ସେଗୁଡିକ ବର୍ତ୍ତମାନ ରୁଆଯାଇପାରୁ ନାହିଁ। କାରଣ ଧାନ ଜମିରେ ୨ ରୁ ୩ ଫୁଟରେ ବର୍ଷା ଜଳ ଜମିରହି ଲହଡା ଭାଙ୍ଗୁଛି। ଶ୍ରାବଣ ମାସ ଶେଷ ହେବାକୁ ବସିଥିବା ବେଳେ ଧାନ ରୁଆ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅନେକ ଚାଷୀ ଚିନ୍ତାରେ ବସିଛନ୍ତି। ଲଗାଣ ବର୍ଷା ଯୋଗୁ ବାଡି ବଗିଚା ନଦୀ କଣ୍ଠିଆରେ ଚାଷୀମାନେ କରିଥିବା ପୋଟଳ, କଲରା, ଜହ୍ନି, ଭେଣ୍ଡି, କାକୁଡି, କଖାରୁ, ଝୁଡଙ୍ଗ, ଲଙ୍କା, ପୋଇ ଶାଗ ଆଦି ଫସଲ ପାଣିରେ ବୁଡିଯାଇ ନଷ୍ଟ ହୋଇଯାଇଛି।



ଲଘୁଚାପ ବର୍ଷାରେ କଣାସ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଯାଇଛି।

# ୮ମାସ ହେବ ଏଟିଏମ୍ ବନ୍ଦ, ଗ୍ରାହକ ହନ୍ତସନ୍ତ

କଣାସ,୯।୮(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକରେ ଗୋଟିଏ ବ୍ୟାଙ୍କର ଏଟିଏମଟି ଦୀର୍ଘ ଆଠ ମାସ ହେବ ବନ୍ଦ ଥିବାରୁ ଗ୍ରାହକମାନେ ଟଙ୍କା ଉଠାଣ ପାଇଁ ହନ୍ତସନ୍ତ ହେଉଥିବାର ଦେଖାଦେଇଛି। କଣାସ ପଞ୍ଚାୟତ ସମିତି ନିକଟରେ ଏକ ଘରୋଇ ବ୍ୟାଙ୍କର ଏଟିଏମ୍ ଅଛି। କିନ୍ତୁ ଗତ ୮ମାସ ତଳେ କୌଣସି ଦୁର୍ବୃତ୍ତ ଏଟିଏମ୍ ଭାଙ୍ଗି ଟଙ୍କା ନେବା ପାଇଁ ଉଦ୍ୟମ କରିଥିଲେ। ସେହିଦିନଠାରୁ ଏଟିଏମ୍‌ଟିକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଚାବିପକାଇ ରଖିଛନ୍ତି। ଅନ୍ୟପକ୍ଷେ ବ୍ୟାଙ୍କରେ ଦୁଇଟି କାଉଣ୍ଟର ଥିଲେ ମଧ୍ୟ ଗୋଟିଏ କାଉଣ୍ଟର ଖୋଲାଯାଉଥିବାବେଳେ ଅନ୍ୟ କାଉଣ୍ଟରଟି କର୍ମଚାରୀ ଅଭାବରୁ ବନ୍ଦ ରହିଛି। ତେବେ ଗୋଟିଏ କାଉଣ୍ଟରରେ ଗ୍ରାହକ ଟଙ୍କା ଜମାଉଠାଣ କାର୍ଯ୍ୟ କରୁଥିବାରୁ ଦୈନନ୍ଦିନ ପ୍ରବଳ ଭିଡ ରହୁଛି। ଏପରିକି ସକାଳ ୧୦ଟାବେଳେ ବ୍ୟାଙ୍କ ଖୋଲିବା ସମୟରେ ଆସୁଥିବା ଗ୍ରାହକମାନେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅପେକ୍ଷା କରୁଥିବାର ଦେଖାଯାଇଛି। ଏ ନେଇ ଶାଖା ପରିଚାଳକ ସୁକାନ୍ତ କୁମାର ବେହେରା କୁହନ୍ତି, ବାରମ୍ବାର ଏଟିଏମ୍ ଖୋଲିବା ପାଇଁ ମୁଁ ଉଚ୍ଚ ଅଧିକାରୀଙ୍କୁ ପତ୍ର ଦେଇଛି। ସେମାନେ ଆସି ଏଟିଏମ୍ ତଦନ୍ତ କରୁନାହାନ୍ତି କି ଏଟିଏମ୍ ଖୋଲିବାର ବ୍ୟବସ୍ଥା କରୁନାହାନ୍ତି। ଅନ୍ୟପଟେ ଅଭାବ କର୍ମଚାରୀ ସହ ଗୋଟିଏ କାଉଣ୍ଟରରେ ସବୁ କାର୍ଯ୍ୟ ହେଉଥିବାରୁ ପ୍ରବଳ ଭିଡରେ ରହି ଗ୍ରାହକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଏଟିଏମ୍ ଖୋଲିବା ସହ ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରିବା ପାଇଁ ଗ୍ରହକମାନେ ଦାବି କରିଛନ୍ତି।

# ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ, ଉଠାଦୋକାନୀଙ୍କ ଧାରଣା

ପୁରୀ ଅଫିସ, ୯।୮:



ପ୍ରଶାସନ ଦ୍ୱାରା ବିସ୍ଥାପିତ ହୋଇଥିବା ଉଠାଦୋକାନୀମାନେ କାକୁଡ଼ିଖାଇ ଛକ- ସିଂହଦ୍ୱାର ମଧ୍ୟରେ ଧାରଣାରେ ବସିଛନ୍ତି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। ଫଳରେ ଶତାଧିକ ଉଠାଦୋକାନୀଙ୍କୁ ପ୍ରଶାସନ ହଟାଇ ଦେଇଛି। ଏହାକୁ ନେଇ ଉଠାଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବାବେଳେ ଶୁକ୍ରବାର ମା' କାକୁଡ଼ିଖାଇ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ କାକୁଡ଼ିଖାଇ ଛକ-ସିଂହଦ୍ୱାର ମଧ୍ୟରେ ଧାରଣା ଦିଆଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, ଉପଜିଲାପାଳ ଆମ୍ଭମାନଙ୍କୁ ଜଗନ୍ନାଥ ବଲ୍ଲଭ ମଠ ଭିତରେ ବ୍ୟବସାୟ କରିବା ଲାଗି ଜାଗା ଦେଖାଇ ଦେଇଥିଲେ। ଏହାପରେ ଆଉ କେତେଜଣ ଉଠଦୋକାନୀଙ୍କୁ ସେଠାରେ ବସିବା ପାଇଁ ଅନୁମତି ଦେଲେ। ଏହାକୁ ନେଇ ଆମ୍ଭମାନଙ୍କ ମଧ୍ୟରେ ଝଗଡ଼ା ସମ୍ଭାବନା ଥିବାରୁ ଆମେ ସେଠାରେ ବସିବା ପାଇଁ ମନା କରିଦେଲୁ। ଏହାଛଡା ଜଗନ୍ନାଥ ବଲ୍ଲଭ ମଠ ଭିତରେ ଆମକୁ କିଛି ଲୋକ ଧମକ ମଧ୍ୟ ଦେଲେ। ସେଠାରେ ଦୋକାନ କଲେ ବସାଇ ଦେବୁନାହିଁ ବୋଲି କହିଲେ। ତେଣୁ ପେଟପାଟଣା ପାଇଁ ଆମେ କାକୁଡ଼ିଖାଇ ଠାକୁରାଣୀଙ୍କ ପାଖରେ ଧାରଣା ଦେବାର ନିଷ୍ପତ୍ତି ନେଇ ଧାରଣାରେ ବସିଥିଲୁ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। ତେବେ ସିଂହଦ୍ୱାର ଥାନାଧିକାରୀ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶନିବାର ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।